



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୪୪ ● ୧୫ ମାର୍ଚ୍ଚ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-44 ● 15th March 2026, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଦିନକ ପରେ ରାଜ୍ୟସଭା ନିର୍ବାଚନ

# ପ୍ରାର୍ଥୀଙ୍କୁ ଜିତାଇବା ନେଇ ତିନି ଦଳରେ ତତ୍ପରତା





**ଭୁବନେଶ୍ୱର, ୧୪ ।୩**

**ନ୍ୟୁଜ୍ ବ୍ୟୁରୋ**

ଦିନକ ପରେ ଅର୍ଥାତ୍ ସୋମବାର ମାର୍ଚ୍ଚ ୧୬ ତାରିଖ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ୪ଟି ଆସନ ପାଇଁ ହେଉଥିବା ଏହି ନିର୍ବାଚନ ମଇଦାନରେ ୫ଜଣ ପ୍ରାର୍ଥୀ ଲଢୁଛନ୍ତି। ବିଜେଡ଼ିରୁ ସନ୍ତୃପ୍ତ ମିଶ୍ର ଏବଂ କଂଗ୍ରେସ ସମର୍ଥନରେ କମନ କ୍ୟାଣ୍ଡେଟ୍ ଭାବେ ଦତ୍ତେଶ୍ୱର ହୋତା ଲଢୁଥିବା ବେଳେ ବିଜେପିରୁ ମନମୋହନ ସାମଲ, ସୁଜିତ୍ କୁମାର ପ୍ରାର୍ଥୀ ହୋଇଛନ୍ତି। ତେବେ ବିଜେପି ସମର୍ଥନରେ ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟସଭା ନିର୍ବାଚନ ଜିତିବା ଉଭୟ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ବିଧାୟକମାନଙ୍କୁ ନିଜ ନିଜ ସପକ୍ଷରେ ବାନ୍ଧି ରଖିବା ବା ଏକାଠି ରଖିବା ଦିଗରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରହିଛି। ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ବିଧାୟକମାନଙ୍କୁ ନେଇ ବୈଠକ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେଇ ବିଜୟ କରାଇବାର ଗୁରୁମନ୍ତ୍ର ଦେଇଛନ୍ତି। ଅନ୍ୟପକ୍ଷରେ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଦଳୀୟ ବିଧାୟକମାନଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କେବଳ ରାଜ୍ୟସଭା ନିର୍ବାଚନରେ ଜିତିବା ଉପରେ ଗୁରୁତ୍ୱ ଦେଇ ଆହୂତ ହୋଇଥିବା ଏହି ବୈଠକରେ ରାଜ୍ୟସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟସଭା ନିର୍ବାଚନ ପାଇଁ ନିଯୁକ୍ତି ପର୍ଯ୍ୟବେକ୍ଷକ ଚନ୍ଦ୍ରଶେଖର ବାବନ, ପ୍ରଭାରୀ, ସହ ପ୍ରଭାରୀ, ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ ଓ ବିଧାୟକମାନେ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ କିପରି ବିଜୟୀ କରାଯିବ ସେ ସମ୍ପର୍କରେ ବିଧାୟକମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ବୈଠକ ପରେ ସବୁ ବିଧାୟକମାନେ ପାରାଦୀପ ଗସ୍ତରେ ଯାଇଛନ୍ତି। ସେଠାରେ ବିଧାୟକମାନଙ୍କର ଆଉ ଏକ ପର୍ଯ୍ୟାୟ ଆଲୋଚନା ବୈଠକ ଅନୁଷ୍ଠିତ ହେବ ବୋଲି *(ପୃଷ୍ଠା ୭ରେ)*

### ରାଜ୍ୟସଭା ନିର୍ବାଚନ ପାଇଁ ୧୬ ତାରିଖ ବିଧାନସଭା ବୈଠକ ହେବ ନାହିଁ

**ଭୁବନେଶ୍ୱର, ୧୪ ।୩**

**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୬ ତାରିଖ ସୋମବାର ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ। ସେଦିନ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ନିର୍ବାଚନ ପାଇଁ ଭୋଟ ଗ୍ରହଣ ଅନୁଷ୍ଠିତ ହେବ ଏବଂ ବିଧାୟକମାନେ ଏଥିରେ ମତଦାନ କରିବେ। ଏହାକୁ ଦୃଷ୍ଟିରେ ରଖି *(ପୃଷ୍ଠା ୭ରେ)*

## କୋଲକାତାରେ ୧୮,୭୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

# ସାରା ଦେଶରେ ରେଳ ଆଧୁନିକୀକରଣର ଅଭିଯାନ

**କୋଲକାତା, ୧୪ ।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର କୋଲକାତାରେ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକ ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ, "ଆଜି କୋଲକାତାର ଏହି ଭୂମିରୁ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତ ପାଇଁ ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଉଛି।"

ପ୍ରଧାନମନ୍ତ୍ରୀ କହିଥିଲେ, ଏହି କାର୍ଯ୍ୟକ୍ରମରେ ରାସ୍ତା, ରେଳ ଓ ବନ୍ଦର ଭିତ୍ତିଭୂମି ସହ ସମ୍ପୃକ୍ତ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରାଯାଇଛି। ସେ କହିଥିଲେ, ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତକୁ ନୂତନ ଗତି ଦେବା ସହ ବାଣିଜ୍ୟ ଓ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରି ଜୀବନକୁ ସହଜ କରିବ। ପ୍ରଧାନମନ୍ତ୍ରୀ ଖଡଗପୁର–ମୋରେଗ୍ରାମ ଏକ୍ସପ୍ରେସୱେ ସମାପ୍ତି ଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି କହିଥିଲେ। ସେ ଏହାସହ ଦୁବରାଜପୁର ବାଇପାସ୍ ଏବଂ କଂସାବତୀ ନଦୀ ଓ ଶିଳାବତୀ ନଦୀ ଉପରେ ନିର୍ମିତ ପ୍ରମୁଖ ସେତୁଗୁଡ଼ିକ ସଂଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ଉଲ୍ଲେଖ କରିଥିଲେ।




ଶେଷରେ ସେ ପଶ୍ଚିମବଙ୍ଗ ଓ ପୂର୍ବ ଭାରତର ଲୋକମାନଙ୍କୁ ଏହି ପରିବର୍ତ୍ତନକାରୀ ପ୍ରକଳ୍ପ ପାଇଁ ଅଭିନନ୍ଦନ ଜଣାଇଥିଲେ।

ଭାରତୀୟ ରେଳବାଇକୁ ଆଧୁନିକୀକରଣ କରିବା ପାଇଁ ସାରା ଦେଶରେ ଏକ ଜୋରଦାର ଅଭିଯାନ ଚାଲିଛି ଏବଂ ପଶ୍ଚିମବଙ୍ଗ ଏହି ମିଶନରେ ଯେପରି ପଛରେ ନ ରହେ, ସେଥିପାଇଁ ସରକାରଙ୍କର ଦୃଢ଼ ସଂକଳ୍ପ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କେନ୍ଦ୍ର ସରକାର ପଶ୍ଚିମବଙ୍ଗରେ ରେଳବାଇ ଭିତ୍ତିଭୂମିକୁ ଦ୍ରୁତ ଗତିରେ ବିସ୍ତାର କରୁଛନ୍ତି। ଏହି ଅବସରରେ, କଲାଇକୁଣ୍ଡା – କାନିମହୁଲି ସେକ୍ସନରେ ସ୍ୱୟଂଚାଳିତ ବ୍ଲକ ସିଗନାଲିଂ ସିଷ୍ଟମକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି। 'ଏହି ପଦକ୍ଷେପଗୁଡ଼ିକ ବ୍ୟସ୍ତବହୁଳ ରେଳ ରୁଟର କ୍ଷମତା ବୃଦ୍ଧି କରିବ, ଯାତ୍ରାକୁ ସୁରକ୍ଷିତ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ଗତି ଏବଂ ସୁବିଧା ମଧ୍ୟ ବୃଦ୍ଧି କରିବ'।

ପ୍ରଧାନମନ୍ତ୍ରୀ ୬ଟି ଷ୍ଟେସନ, କାମାକ୍ଷାଗୁଡ଼ି, ଅନରା, ତାମଲୁକ, ହଳଦିଆ, ବାରଭୂମ ଏବଂ ସିଉରିକୁ ଅମୃତ ଭାରତ ଷ୍ଟେସନ ଭାବରେ ଉଦଘାଟନ କରିବା ସମ୍ପର୍କରେ ଘୋଷଣା କରିଥିଲେ। ବଙ୍ଗଳାର ମହାନ ସଂସ୍କୃତି ଏବେ ଏହି ଷ୍ଟେସନଗୁଡ଼ିକରେ ଆହୁରି ଉଜ୍ଜ୍ୱଳ ଭାବରେ ଝଲସୁଛି ଏବଂ ଆହୁରି ଅନେକ ଷ୍ଟେସନର ପୁନଃବିକଶିତ ହେଉଛି। ପୁରୁଲିଆ ଏବଂ *(ପୃଷ୍ଠା ୭ରେ)*

### ଦୁର୍ଘଟଣାରେ ଖଲ୍ଲିକୋଟ ତହସିଲର ବିଜୟଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୧୪ ।୩**

**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ତହସିଲର ବିଜୟ ଦାସ (ପିତା – ନଟବର ଦାସ)ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ସିଏମଆରଏଫ)ରୁ ୪ ଲକ୍ଷର ସହାୟତା ଘୋଷଣା କରିଛନ୍ତି ।

### ତାମିଲ ସାହିତ୍ୟିକ ଆର୍. ବୈରାମୁଥୁଙ୍କୁ ଜ୍ଞାନପୀଠ ପୁରସ୍କାର

**ନୂଆଦିଲ୍ଲୀ, ୧୪ ।୩**

ତାମିଲ କବି, ଗୀତିକାର ଏବଂ ଲେଖକ ଆର୍. ବୈରାମୁଥୁଙ୍କୁ ୨୦୨୫ ବର୍ଷ ପାଇଁ ଦେଶର ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ ୬୦ତମ ଜ୍ଞାନପୀଠ ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ତାଙ୍କୁ *(ପୃଷ୍ଠା ୭ରେ)*

## ଏଲପିଜି ଯୋଗାଣ ଏବେ ବି ଚିନ୍ତାର କାରଣ : ଆସୁଛି ୯୩ ହଜାର ଟନ୍ ଗ୍ୟାସ୍

**ନୂଆଦିଲ୍ଲୀ, ୧୪ ।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଦେଶରେ ଏଲପିଜି ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ଠିକ ଭାବେ ଗ୍ୟାସ ମିଳିପାରୁ ନାହିଁ। ଦେଶରେ ଏଲପିଜିର ଅଭାବ ନଥିବା ସରକାର ବାରମ୍ବାର କହୁଥିଲେ ହେଁ ଏବେ ବି ଗ୍ୟାସ ଯୋଗାଣ ଚିନ୍ତାର ବିଷୟ ହୋଇଥିବା ସ୍ୱୀକାର କରିଛନ୍ତି।

ଶନିବାର କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଯଦିଓ ଏଲପିଜି ଯୋଗାଣ ବର୍ତ୍ତମାନ ସମୟରେ ଗୋଟିଏ ଚିନ୍ତାର ବିଷୟ ହୋଇ ରହିଛି, କିନ୍ତୁ କୌଣସି ବିତରଣ କେନ୍ଦ୍ରରେ ଏହାର ଅଭାବ ଦେଖାଯାଇ ନାହିଁ। ଯୋଗାଣ ଅଭାବରୁ କୌଣସି ବିତରଣ ସଂସ୍ଥା ବନ୍ଦ ହୋଇନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ବ୍ୟାପକ ହେଉଥିବା ବେଳେ ଲୋକମାନେ ଆତଙ୍କିତ



ହୋଇ ଏଲପିଜି ବୁକିଂ କରିବାରେ ଲାଗିଥିବା ମଧ୍ୟ ସରକାର ସ୍ପଷ୍ଟ କରିଛନ୍ତି।

ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଏଲପିଜି କିଣୁ ଥିବା ଦେଶ। ଦେଶକୁ ଆମଦାନୀ ହେଉଥିବା ୯୦% ଏଲପିଜି ଇରାନ ଦଖଲରେ ଥିବା ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ। ହେଲେ ଆମେରିକା–ଇସ୍ରାଏଲ ସହ ଯୁଦ୍ଧ କାରଣରୁ ଇରାନ ଏହି ରାସ୍ତାକୁ ବନ୍ଦ କରିଥିବାରୁ ଭାରତରେ *(ପୃଷ୍ଠା ୭ରେ)*

### ଆତଙ୍କିତ ହୋଇ ବୁକିଂ କରନ୍ତୁ ନାହିଁ



**ନୂଆଦିଲ୍ଲୀ, ୧୪ ।୩**

ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ମଧ୍ୟରେ, ସାରା ଦେଶରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଯୋଗାଣ ପୁନଃ ଆରମ୍ଭ ହୋଇଛି। ଏହି ସମୟରେ ଘରୋଇ ରନ୍ଧନ ଗ୍ୟାସ ଯୋଗାଣରେ ମଧ୍ୟ ଦ୍ରୁତ ଉନ୍ନତି ହେଉଛି। ପେଟ୍ରୋଲିୟମ ମନ୍ତ୍ରଣାଳୟର *(ପୃଷ୍ଠା ୭ରେ)*

## ଅସଦାଚରଣ ପ୍ରତିବାଦରେ ରାସ୍ତାରୋକ, ହିଂସା : ୨୭ ମହିଳାଙ୍କ ସମେତ ୩୪ ଗିରଫ

**ବାରିପଦା, ୧୪ ।୩**

**ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜଜିଲ୍ଲାର ବାହଲଦାଠାରେ ଜାତୀୟ ରାଜପଥ ଅବରୋଧ ବେଳେ ହିଂସାକାଣ୍ଡ ଘଟିବାରୁ ପୋଲିସ୍ ୨୭ ଜଣ ମହିଳାଙ୍କ ସମେତ ୩୪ ଜଣଙ୍କୁ ଗିରଫ କରିଛି। ଜଣେ ଛାତ୍ରୀଙ୍କ ପ୍ରତି ଅସଦାଚରଣ କରାଯାଇଥିବା ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚିବା ପରେ ସେଠାରେ ଉତ୍ତ୍ୟକ୍ତ ଲୋକେ ପୋଲିସ୍ ଗାଡି ଉପରେ ଆକ୍ରମଣ କରିଥିଲେ। ଏହା ପରେ ଉତ୍ତେଜନା ବୃଦ୍ଧି ପାଇବାରୁ ଅଧିକ ସଂଖ୍ୟାରେ ପୋଲିସ୍ ଘଟଣାସ୍ଥଳକୁ ପଠାଯାଇଥିଲା। ଉତ୍ତେଜିତ ଲୋକେ ଲଙ୍କାକାଣ୍ଡ ଘଟାଇବା ସହ ଉପସ୍ଥିତ ପୁଲିସ ଉପରେ ଆକ୍ରମଣ କରିଥିଲେ।



ମିଳିଥିବା ସୂଚନା ଅନୁସାରେ ବିଞ୍ଝିଆ ନିକଟ ଏକ ଗାଁରେ ଆଦିବାସୀଙ୍କ ବାହାପର୍ବ (ହୋଲି)ପାଳନ ହୋଇଥିଲା। ଏଥିପାଇଁ ମାମୁଁ ଘରକୁ ବୁଲି ଆସିଥିବା ଭାଣିଜୀଙ୍କୁ ଅଭିଯୁକ୍ତ ଯୁବକ ପଛପଟୁ ଆସି ଧକ୍କା ଦେଇଥିଲା। ଅତର୍କିତ ଧକ୍କାରେ ଯୁବତୀ ଜଣକ ରାସ୍ତା ଉପରେ ପଡ଼ିଯାଇ ଆହତ ହୋଇଥିଲେ। ଏହାର ସୁଯୋଗ ନେଇ ଉକ୍ତ *(ପୃଷ୍ଠା ୭ରେ)*

## ଇରାନର ଖର୍ଗ ଦ୍ୱୀପରେ ଆମେରିକାର ବୋମାମାଡ

**ୱାଶିଂଟନ, ୧୪ ।୩**

ଇରାନ ବିରୋଧରେ ଆମେରିକା–ଇସ୍ରାଏଲ ସେନା ଅଭିଯାନ ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ ଖର୍ଗ ଦ୍ୱୀପ ଉପରେ ବଡ଼ ବୋମାବର୍ଷଣ ଅଭିଯାନ ଚଳାଇଛି। ସେ ଏହାକୁ ମଧ୍ୟ ପୂର୍ବର ଇତିହାସର ସବୁଠାରୁ ବଡ଼ ବୋମାବର୍ଷଣ ଅଭିଯାନ ବୋଲି କହିଥିଲେ ଏବଂ କହିଥିଲେ ଯେ ଇରାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦ୍ୱୀପ ଖର୍ଗ ଦ୍ୱୀପରେ ଥିବା ସମସ୍ତ ସେନା ଠିକଣାକୁ ପୂରାପୂରି ଧ୍ୱଂସ କରାଯାଇଛି। ଏହି ଆକ୍ରମଣ ପରେ ଇରାନ କଡା ପ୍ରତିକ୍ରିୟା ଦେଇ କହିଛି ଯେ ତେହରାନ ଏହାର ଉଚିତ୍ ଜବାବ ଦେବ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ କହିଛନ୍ତି ଯେ ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ ଖର୍ଗ ଦ୍ୱୀପ ଉପରେ ଏକ ବଡ଼ ବୋମାବର୍ଷଣ ଅଭିଯାନ ଚାଲାଇଛି। ସେ କହିଛନ୍ତି ଯେ ଆମେରିକୀୟ ସେନା ଦ୍ୱୀପରେ ଥିବା *(ପୃଷ୍ଠା ୭ରେ)*

## ଓଡ଼ିଶା ପୁଲିସ ହେବ ଶିଶୁ ଅନୁକୂଳ

**ଭୁବନେଶ୍ୱର, ୧୪ ।୩**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପୁଲିସ୍ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ଶନିବାର ଦିନ ଭୁବନେଶ୍ୱରସ୍ଥିତ ପୁଲିସ୍ ଭବନଠାରେ 'ଜୁଭେନଟିକା–ଡିଜିଟାଲ୍ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ୍ ଦୁନିଆରେ ଶିଶୁମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସମ୍ଭାବନାଗୁଡ଼ିକର ମୁକାବିଲା ପାଇଁ ପ୍ରଶାସକ, ବରିଷ୍ଠ ପୁଲିସ୍ ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିଶୁ ଅଧିକାର



ବିଶେଷଜ୍ଞମାନଙ୍କୁ ଏକାଠି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଅନଲାଇନ୍ ପରିବେଶରେ ଶିଶୁମାନଙ୍କର ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ, ପରିବାର ଏବଂ ସମାଜ କିପରି ସହଯୋଗ କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ପ୍ରତି ଥିବା ସାଇବର ବିପଦ ଏବଂ ଏହାର ମୁକାବିଲା ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ସେ ସୂଚନା ଦେଇଥିଲେ ଯେ, ସାଇବର ନିରାପତ୍ତା ସଚେତନତା ବୃଦ୍ଧି ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର *(ପୃଷ୍ଠା ୭ରେ)*

### ବରିଷ୍ଠ ପୋଲିସ୍ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରଥଯାତ୍ରା ଦାୟିତ୍ୱ



**ଭୁବନେଶ୍ୱର, ୧୪ ।୩**

**ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଆସନ୍ତା ରଥଯାତ୍ରା ଦାୟିତ୍ୱ ଦିଆଯାଇଛି। ଶୃଙ୍ଖଳିତ *(ପୃଷ୍ଠା ୭ରେ)*

### ଆଜିର ମୁଖ୍ୟ ଖବର

- ଦୁଇଜଣ ୱାଣ୍ଟେଡ଼ ନକ୍ସଲଙ୍କୁ ଗିରଫ କଲା ଝାରଖଣ୍ଡ ପୋଲିସ।
- ମଣିପୁର: ପୃଥକ୍ ପୃଥକ୍ ଅଞ୍ଚଳରୁ ୫ ଉଗ୍ରବାଦୀ ଗିରଫ।
- ସାଇବର ଠକେଇ ବିରୋଧୀ ଅଭିଯାନରେ ୫୦୦ରୁ ଅଧିକ ଲୋକଙ୍କୁ ଗିରଫ।
- କାରାଗାର ଭିତରେ ଜୀବନଦଣ୍ଡ ପାଇଥିବା ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ।
- ମତଦାତା ତାଲିକା ସଂଶୋଧନ ଓ ରାଜ୍ୟସଭା ନିର୍ବାଚନକୁ ନେଇ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବୈଠକ।
- ଆସନ୍ତା କିଛି ଦିନରେ ପାଗରେ ପରିବର୍ତ୍ତନ ସହ ବର୍ଷା ସମ୍ଭାବନା ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୯୬୬ (-୧୦୩)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୩୫ (-୯୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୭୪ (-୭୮)

### ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୮୦ (-୧୦)

## ଏନ୍‌ଏଚ୍‌ଆରସିଙ୍କ ଉଦ୍‌ବେଗ : ୫ ରାଜ୍ୟକୁ ନୋଟିସ୍




**ନୂଆଦିଲ୍ଲୀ, ୧୪ ।୩**

ଜାତୀୟ ମାନବାଧିକାର କମିଶନ (ଏନଏଚଆରସି), ଏକ ଗଣମାଧ୍ୟମ ରିପୋର୍ଟକୁ ସ୍ୱତଃପ୍ରବୃତ୍ତ ଭାବେ ଗ୍ରହଣ କରି ଏଥିରେ ଦର୍ଶାଯାଇଛି ଯେ, ବିହାରରେ ୨୦୧୩ ମସିହାରୁ ପ୍ରତିବର୍ଷ ପଞ୍ଜୀକୃତ ହେଉଥିବା ୧୨,୦୦୦ ରୁ ୧୪,୦୦୦ ନିଖୋଜ ମାମଲା ମଧ୍ୟରୁ ଅନେକ ଶିଶୁ ଅଛନ୍ତି। ନିଖୋଜ ଶିଶୁଙ୍କ ମଧ୍ୟରୁ ମାତ୍ର ଦୁଇ–ତୃତୀୟାଂଶ ଶିଶୁଙ୍କୁ ଉଦ୍ଧାର କରାଯାଇଛି।

ରିପୋର୍ଟ ଅନୁଯାୟୀ, ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ସୂଚାଉଛି ଯେ ଓଡ଼ିଶା, ବିହାର, ତେଲେଙ୍ଗାନା ଏବଂ ମହାରାଷ୍ଟ୍ରରେ ସର୍ବାଧିକ ମାନବ ଚାଲାଣ ମାମଲା ପଞ୍ଜୀକୃତ ହୋଇଛି। ନାବାଳକ ପୁଅ ଚାଲାଣ କ୍ଷେତ୍ରରେ ଓଡ଼ିଶା ତାଲିକାର ଶୀର୍ଷରେ ଥିବାବେଳେ ଏହା ପଛକୁ ବିହାର ରହିଛି।

ସେହିପରି ନାବାଳିକା ଝିଅ ଚାଲାଣ କ୍ଷେତ୍ରରେ ରାଜସ୍ଥାନରେ ସର୍ବାଧିକ ମାମଲା ପଞ୍ଜୀକୃତ ହୋଇଛି। ୯ ମାର୍ଚ୍ଚ ୨୦୨୬ରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଶିଶୁମାନଙ୍କୁ ଭିକ୍ଷାବୃତ୍ତି, ଶିଶୁ ଶ୍ରମିକ, ବେଶ୍ୟାବୃତ୍ତି ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ସନ୍ଦେହ କରାଯାଉଛି।

କମିଶନ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ, ଯଦି ସମ୍ପୃକ୍ତ ସମ୍ବାଦର *(ପୃଷ୍ଠା ୭ରେ)*

## ପଶ୍ଚିମ ଓଡ଼ିଶାରେ ବଢୁଛି ତାପମାତ୍ରା ୪୦ ଡିଗ୍ରୀ ଉପରେ ୩ ସହର

**ଭୁବନେଶ୍ୱର, ୧୪ ।୩**

**ନ୍ୟୁଜ୍ ବ୍ୟୁରୋ**

ମାର୍ଚ୍ଚ ମାସର ପ୍ରଥମାର୍ଦ୍ଧରେ ସାରା ରାଜ୍ୟରେ ତାପମାତ୍ରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ଶନିବାର ପଶ୍ଚିମ ଓଡ଼ିଶାର ଝାରସୁଗୁଡା ସହରର ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ଓ ଟିଟିଲାଗଡ ସହର ତାପମାତ୍ରା ମଧ୍ୟ ୪୦ ଡିଗ୍ରୀ ଅତିକ୍ରମ କରିଛି। ପଶ୍ଚିମଓଡ଼ିଶାର ଅଧିକାଂଶ ସହରରେ ତାପମାତ୍ରା ବୃଦ୍ଧି ପାଇଛି। ରାଉରକେଲା ସହରର ତାପମାତ୍ରା ୪୫.୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡରେ ୩୯ ଡିଗ୍ରୀ ଏବଂ ବଲାଙ୍ଗୀରରେ ୩୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଉପକୂଳ ଓଡ଼ିଶାରେ ତାପାମାତ୍ରା ଅପେକ୍ଷାକୃତ କମ୍ ରହିଛି। ଭୁବନେଶ୍ୱରରେ ତାପମାତ୍ରା ୩୨.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପୁରୀରେ ୩୧.୬ ଏବଂ ଗୋପାଳପୁରରେ ୩୦.୬ ଡିଗ୍ରୀ ରେକର୍ଡ କରାଯାଇଛି।

ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ରାତିର ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି। ଫୁଲବାଣୀରେ ୧୫.୫ ଡିଗ୍ରୀ ସେଲସିୟସ, ଝାରସୁଗୁଡାରେ ୧୬.୬, ରାଉରକେଲାରେ ୧୭.୧ ଏବଂ ଦାରିଙ୍ଗିବାଡିରେ ୧୭.୫ ଡିଗ୍ରୀ ସେଲସିୟସ ରାତି ତାପମାତ୍ରା ରେକର୍ଡ କରାଯାଇଛି।



# ୱାନ ଷ୍ଟପ ସେଣ୍ଟର ଓ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ

**ପୁରୀ, ନ୍ୟୁଜ ବ୍ୟୁରୋ**

ଅପରାହ୍ନରେ ଏସ ସି ଏସ କଲେଜ ନିକଟରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ଓ ସଖି ୱାନ କେନ୍ଦ୍ରର ଉଦଘାଟନ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ମହିଳା ମାନଙ୍କୁ ଆତ୍ମନିର୍ଭର କରିବା ଲକ୍ଷ୍ୟରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା, ପାରସ୍ପରିକ ସହଯୋଗ ବଢାଇବା, ଆଲୋଚନା ବୈଠକ କରାଇବା, ସମ୍ମାନର ସହ ନିଜ କାର୍ଯ୍ୟକୁ ପରିଚାଳନା କରିବାରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ସହାୟକ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡା ସୂଚନା ଦେଇଥିଲେ। ସେହିପରି ଉପ ମୁଖ୍ୟମନ୍ତ୍ରୀ ସଖି ୱାନ ଷ୍ଟପ ସେଂଟରକୁ ଏସ ସି ଏସ କଲେଜ ଠାରେ ଉଦଘାଟନ କରିଥିଲେ। ଭାରତ ସରକାର ପ୍ରଣୟନ କରିଥିବା'ସଖି' ଯାହା ୱାନ୍ ଷ୍ଟପ୍ କ୍ରାଇସିସ୍ ସେଣ୍ଟର (ଓଏସସି) ଅଟେ। ଯାହା ବ୍ୟକ୍ତିଗତ ଏବଂ ସାର୍ବଜନୀନ ସ୍ଥାନରେ, ପରିବାର, ସମ୍ପ୍ରଦାୟ ଏବଂ କର୍ମକ୍ଷେତ୍ରରେ ହିଂସା ଦ୍ୱାରା ପ୍ରଭାବିତ ମହିଳାମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ। ବୟସ, ବର୍ଗ, ଜାତି, ଶିକ୍ଷା ସ୍ଥିତି, ବୈବାହିକ ସ୍ଥିତି, ଜାତି ଏବଂ ସଂସ୍କୃତି ନିର୍ବିଶେଷରେ ଶାରୀରିକ, ଯୌନ, ଭାବପ୍ରବଣ, ମାନସିକ ଏବଂ ଆର୍ଥିକ ନିର୍ଯାତନାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ସମର୍ଥନ ଏବଂ ପ୍ରତିକାର ପ୍ରଦାନର ବ୍ୟବସ୍ଥା ଏଠାରେ କରାଯାଇଥାଏ। ପୁରୀ ଜିଲ୍ଲାରେ ଏହା ୨୦୨୦ ମସିହାରୁ ନୀଳାଚଳ ସେବା ପ୍ରତିଷ୍ଠାନ କଣାସଙ୍କ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟ କରୁଥିଲା।ତେବେ ସରକାରଙ୍କ ପକ୍ଷରୁ ୬୦ ଲକ୍ଷ ଟଙ୍କା ଅନୁଦାନ ମିଳିବା ପରେ ଏହା ଏସସିଏସ କଲେଜ ଠାରେ ନିଜସ୍ୱ ବିଲ୍ଡିଂ ଭାବେ ଆଜି ଉଦଘାଟିତ ହୋଇଛି। ଚଳିତ ବର୍ଷ ଫେବୃଆରୀ ୭ ତାରିଖ ସୁଦ୍ଧା ୧୨୪୯ ଟି ମାମଲା ସଖିରେ ପଞ୍ଜିକରଣ ହୋଇଛି।ଏହା ୨୪ ଘଣ୍ଟିଆ ସେବା ଦେଉଛି ଓ ହେଲ୍ପ ଲାଇନ ନମ୍ବର ୧୮୧ ସହ ଯୋଡି ହୋଇଛି ବୋଲି ସମାଜ କଲ୍ୟାଣ ଅଧିକାରୀ ଜଣାଇଥିଲେ। ଏହି କେନ୍ଦ୍ର ଦ୍ୱାରା ନିର୍ଯ୍ୟାତିତ ବା କ୍ଷତିଗ୍ରସ୍ତ ମହିଳା ମାନେ ଉପକୃତ ହେବେ ବୋଲି ଶ୍ରୀମତୀ ପରିଡା କହିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମସ୍ତଙ୍କୁ ସ୍ୱାଗତ କରି ଥିଲେ।କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ।

# ଜାତୀୟ ପତାକା ପ୍ରତି ଅବହେଳା, ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଦାବି

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଦେଶର ସର୍ବୋଚ୍ଚ ପ୍ରତୀକ ତଥା ଜାତୀୟ ପତାକା ପ୍ରତି କେବେ ବି କୌଣସି ପରିସ୍ଥିତିରେ ଅବମାନନାକୁ ଗ୍ରହଣ କରାଯାଇ ନପାରେ । ଆବଶ୍ୟକ ସ୍ଥଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ମଧ ନିୟମ ରହିଛି । ହେଲେ ପଶ୍ଚିମ ଓଡ଼ିଶାର ରାଜଧାନୀ ସମ୍ବଲପୁରରେ ଏହିପରି ଏକ ଦୃଶ୍ୟ ଦୃଶ୍ୟମାନ ହେବା ପରେ ସଂପ୍ରତି ପ୍ରଶାସନିକ କାର୍ଯ୍ୟ ଦକ୍ଷତା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ସରକାରଙ୍କ ନିୟମାନୁଯାୟୀ ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ କେବଳ ସାଧାରଣତନ୍ତ୍ର ଦିବସ ବା ସ୍ୱାଧୀନତା ଦିବସ ନୁହେଁ ବର୍ଷ ତମାମ ଜାତୀୟ ପତାକା ଉଠିଥାଏ । ସେହିପରି ସମ୍ବଲପୁର ସହରର ବୁଢାରଜା ପାହାଡ଼ ଶିଖର ଉପରେ ମଧ ଏକ ଜାତୀୟ ପତାକା ଉଠିଥାଏ । ମାତ୍ର ଦୁର୍ଭାଗ୍ୟ, ପରିବର୍ତନଶୀଳ ଜଳବାୟୁ ତଥା ବର୍ଷା ଓ ପବନରେ ଏହି ଜାତୀୟ ପତାକାର ପାର୍ଶ୍ୱ ଗୁଡ଼ିକ ଚିରି ଯାଇଥିବା ଦେଖି କିଛି ପ୍ରତ୍ୟକ୍ଷଦର୍ଶୀ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରାଇଛନ୍ତି । ଜିଲ୍ଲାର କେଉଁ କେଉଁ ସ୍ଥାନରେ ଜାତୀୟ ପତାକା ଉତୋଳିତ ରହିଛି ଓ ସେ ସବୁର ସ୍ଥିତାବସ୍ଥା ପ୍ରତି ସଦା ସର୍ବଦା ଜିଲ୍ଲା ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ରଖାଯିବା ଆବଶ୍ୟକ । ମାତ୍ର ଦୁର୍ଭାଗ୍ୟ, ସମଗ୍ର ସମ୍ବଲପୁର ଜିଲ୍ଲା ପୂର୍ବାପେକ୍ଷା ଏବେ ମାତ୍ରାଧିକ ରାଜନୈତିକ ବାତାବରଣରେ ମଧ୍ୟରେ ରହିଥିବା ବେଳେ ବୁଢାରଜା ପାହାଡ଼ ଉପରେ ଉତୋଳିତ ଜାତୀୟ ପତାକାର ଚିତ୍ର ବୁଦ୍ଧିଜୀବୀ ମହଲରେ ନୈରାଶ୍ୟତା ସୃଷ୍ଟି କରାଇଛି । ଏ ଦିଗରେ ତୁରନ୍ତ ଜିଲ୍ଲା ପ୍ରଶାସନ ଅନୁସନ୍ଧାନ କରି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସଚେତନ ନାଗରିକଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ପଥପ୍ରାନ୍ତ ନାଟକରେ ଜୀବନ୍ତ ହେଉଛି ନୂତନ ଆଇନ : ନ୍ୟାୟ ସଂହିତା ପ୍ରଦର୍ଶନୀରେ ସଚେତନତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା "ନ୍ୟାୟ ସଂହିତା ପ୍ରଦର୍ଶନୀ"ରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସାଧାରଣ ଲୋକଙ୍କୁ ଭାରତର ନୂତନ ଅପରାଧିକ ଆଇନ ସମ୍ପର୍କରେ ସଚେତନ କରାଯାଉଛି। ପଥପ୍ରାନ୍ତ ନାଟକ ମାଧ୍ୟମରେ ନୂତନ ଅପରାଧିକ ଆଇନର ନୂତନ ବ୍ୟବସ୍ଥା, ପୀଡ଼ିତଙ୍କ ଅଧିକାର, ବୈଜ୍ଞାନିକ ତଦନ୍ତ ପ୍ରକ୍ରିୟା ଓ ଶୀଘ୍ର ନ୍ୟାୟ ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ଜୀବନ୍ତ ଓ ରୋଚକ ଭାବରେ ଉପସ୍ଥାପନ କରାଯାଉଛି। କଳାକାର ମାନଙ୍କ ଦ୍ୱାରା "ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ" ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶିତ କରାଯାଉଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍‌ରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ନାଟକ ମାଧ୍ୟମରେ ଜୀବନ୍ତ କରାଯାଉଛି । ଅପରାଧ ଘଟଣାରୁ ଆରମ୍ଭ କରି ପୋଲିସ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ସମଗ୍ର ଘଟଣାକୁ ନାଟକ ମାଧ୍ୟମରେ ଦେଖାଯାଉଥିବାରୁ ଦର୍ଶକମାନେ ସହଜରେ ନୂତନ ଆଇନର ବିଭିନ୍ନ ପ୍ରାସଙ୍ଗିକତା ବୁଝିପାରୁଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରଦର୍ଶନୀକୁ ଆସୁଥିବା ଦର୍ଶକମାନଙ୍କ ମଧ୍ୟରେ ବେଶ ଆକର୍ଷଣ ସୃଷ୍ଟି କରିଛି। ଓଡ଼ିଶା ପୋଲିସ ପକ୍ଷରୁ ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଅପରାଧିକ ଆଇନ ଓ ନ୍ୟାୟ ବ୍ୟବସ୍ଥା ଜନ ସାଧାରଣ ଓ ଛାତ୍ରଛାତ୍ରୀଙ୍କ ମହଲରେ ଆଦୃତ ହେଉଥିବା ପରିଲକ୍ଷିତ ହେଉଛି ।

# ପୁନର୍ବାସ ପରିସରରେ ଷ୍ଟାଣ୍ଡି ଲାଇବ୍ରେରୀ ଉଦ୍‌ଘାଟିତ



**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ**

ସାମ୍ପ୍ରତିକ ଯୁଗରୁଚି ଓ ମୋବାଇଲଫୋନର ବହୁଳ ବ୍ୟବହାର ଦ୍ୱାରା ପତ୍ରପତ୍ରିକା ଓ ପୁସ୍ତକ ପଠନ ଦ୍ରୁତ ଭାବରେ ହ୍ରାସ ପାଉଥିବା ବେଳେ ଏ ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଏକ ଉଦାହରଣୀୟ ପଦକ୍ଷେପ ନିଆଯାଇଛି । ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ କେନ୍ଦ୍ରାପଡା ଜିଲ୍ଲାରେ ଥେରାପି ଚିକିତ୍ସା ସେବା, ଭିନ୍ନକ୍ଷମ ମାନଙ୍କ ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟକରି ଆସୁଥିବା ଅନୁଷ୍ଠାନର ଏହି ଅଭିନବ ପ୍ରୟାସ ପ୍ରଶଂସାଯୋଗ୍ୟ ବୋଲି ଅତିଥିମାନେ ବ୍ୟକ୍ତ କରିଛନ୍ତି । ଏହି ଅବସରରେ ସହର ମାଧପୁର ସ୍ଥିତ ପୁନର୍ବାସ ଫିଜିଓଥେରାପି ଓ ରିହାବ ସେଣ୍ଟର ଓ ଅମର ଉଦ୍ୟାନ ସ୍ଥିତ ଶିଶୁ ଥେରାପି କେନ୍ଦ୍ରରେ ଦୁଇଟି ଷ୍ଟାଣ୍ଡି ଲାଇବ୍ରେରୀର ପାଠକାର୍ପଣ କରାଯାଇଥିଲା । ଏହାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂ ଓ ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ଧଳ ଏହି ଦୁଇଟି ମିନି ଲାଇବ୍ରେରୀକୁ ଅନାବରଣ କରିଥିଲେ । ଏହାଦ୍ୱାରା ଥେରାପି କେନ୍ଦ୍ରକୁ ଆସୁଥିବା ହିତାଧିକାରୀମାନେ ସେମାନଙ୍କ ଆପେକ୍ଷାରତ ସମୟର ସୁବିନିଯୋଗ କରିପାରିବେ ବୋଲି ମତପ୍ରକାଶ କରିଥିଲେ । ପୁନର୍ବାସ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ସହ ସମ୍ପାଦକ ବଂଶୀଧର ମହାନ୍ତି ଓ ଉପସଭାପତି ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ଷ୍ଟାଫ ସଂଜୀବ କୁମାର ଜେନା, କେଦାରନାଥ ବାରିକ, ଗାୟତ୍ରୀ ପୃଷ୍ଟି ଓ ଧରଣୀଧର ସେଠି ପ୍ରମୁଖ ସାମିଲ ହୋଇଥିଲେ ।

# ପୂଜ୍ୟପୂଜା ସଂସଦର ବାର୍ଷିକ ଉତ୍ସବ

**ଜୟପୁର, ନ୍ୟୁଜ ବ୍ୟୁରୋ**

ସାହିତ୍ୟ ସାଧନା ଏକ ଚଳନଶୀଳ ପ୍ରକ୍ରିୟା। ଯେତେ ସାଧିବ ସେତେ ପାଇବ। ଶୈଶବରୁ ବାର୍ଦ୍ଧକ୍ୟ, ବାଲିଗରଡାରୁ ହିମାଳୟ ଆକାର, ମାଟିରୁ ଆକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ସାହିତ୍ୟର ପସରା। କଳ୍ପନାର ଯାଦୁକରୀ ଶବ୍ଦମାନେ ଭଷା ସାହିତ୍ୟର ସମ୍ଭାର। ପଠନ ଆଭ୍ୟାସ ରଖି ମନନ, ଚିନ୍ତନ ଲିଖନ ଓ ଶ୍ରବଣ ମାଧ୍ୟମରେ ସାହିତ୍ୟ ହୁଏ କାଳଜୟୀ। ସମାଜ ଦର୍ପଣରେ ପ୍ରତିବିମ୍ବିତ ଘଟଣାକୁ ନେଇ ଲେଖନୀ ଚାଳନା କରିବାରେ ସିଦ୍ଧହସ୍ତ ଲେଖକ ସମାଜରେ ସଚେତନତା ଆଣିବାକୁ ହେବ ବୋଲି ଜୟପୁର ପୂଜ୍ୟପୂଜା ସଂସଦ, ଜୟପୁରର ତିରିଶିତମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ସଂସଦର ସଭାପତି ଉଦୟ ଶଙ୍କର ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆକାଶବାଣୀ ଜୟପୁରର ସେବାନିବୃତ କାର୍ଯ୍ୟକ୍ରମ ନିଷ୍ପାଦକ ଗୌର ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି, କାର୍ଯ୍ୟରତ ଉଦ୍‌ଘୋଷିକା ଦମୟନ୍ତୀ ବୈକାର ମୁଖ୍ୟବକ୍ତା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷା ମମତା କୁମାରୀ ଝୋଡିଆ ସମ୍ମାନିତ ଅତିଥି, ସଂସଦର ଉପଦେଷ୍ଟା ଇଂ. କେଦାରନାଥ ବେହେରା ଓ ସଂପାଦକ ବୈରାଗୀ ଚରଣ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମାତା ଶୁଭଦ୍ରାଙ୍କ ନିକଟରେ ଧୂପଦୀପାଦି ଅର୍ପଣ କରାଯାଥିଲା। ଏହି ଅବସରରେ ଆକାଶବାଣୀ ସଂଗୀତକାର ବିଜୟ କୁମାର ସାମନ୍ତରାୟ, ଶ୍ରେଷ୍ଠ କ୍ରୀଡାବିତ ଦିଲ୍ଲୀପ କୁମାର ସାମନ୍ତରାୟ, ଅଭିଜ୍ଞ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ଶତପଥୀ, ଗଣମାଧ୍ୟମର ପ୍ରତିନିଧି ମଧୁସ୍ମିତା ମିଶ୍ରଙ୍କୁ 'ଗୌରବ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦର ସାହିତ୍ୟ ଟୁଙ୍ଗିର ମୁଖପତ୍ର 'ଆମ ଲେଖା ' କବି ବୈରାଗୀ ଚରଣ ସାହୁଙ୍କ କବିତା ସଂକଳନ 'କୁନ୍ଦ କାନନ ', ସସ୍ମିତା ସାହୁଙ୍କ 'ପୁଷ୍ପହାର'ର ଲୋକାର୍ପଣ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ସଂସଦର ଉପସଭାପତି ତପନ କିରଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କବିତା ପାଠ ଉତ୍ସବରେ ସମ୍ମାନିତ ଅତିଥି ରୂପେ ରଜତ କୁମାର ଷଡଙ୍ଗୀ, ଉପଦେଷ୍ଟା ଇଂ. ଭାସ୍କର ସାମନ୍ତରାୟ ଯୋଗଦେଇଥିଲେ। କବିତା ସଂଯୋଜନାରେ ପୁଷ୍ପାଞ୍ଜଳି ସାହୁ ଓ ଶୋଭାଙ୍ଗିନୀ ନନ୍ଦ ଥିଲାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସହସଂପାଦକ ମୃତ୍ୟୁଞ୍ଜୟ ସାହୁ। ଏଥିରେ ଶତାଧିକ କବି, ସାହିତ୍ୟପ୍ରେମୀ, ସମାଜସେବୀ ଉପସ୍ଥିତ ଥିଲେ। ବାର୍ଷିକ ଉତ୍ସବ ପାଳନ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସୁସ୍ଥ ଶରୀର ଓ ମାନସିକତା ପାଇଁ ଯୋଗର ଗୁରୁତ୍ୱ ଉପରେ ଆଲୋଚନା

**କେନ୍ଦ୍ରାପଡ଼ା ନ୍ୟୁଜ ବ୍ୟୁରୋ**



ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନ (କ୍ରୀଡା ବିଭାଗ), କେନ୍ଦ୍ରାପଡ଼ା ପକ୍ଷରୁ ଅସ୍ମିତା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସ୍ଥାନୀୟ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ବର୍ଷର ଥିମ୍ ଥିଲା "ଶକ୍ତି ସ୍ୱରୂପିଣୀ"। କାର୍ଯ୍ୟକ୍ରମରେ ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ଓ ସୁସ୍ଥ ଜୀବନ ଶୈଳୀ ପ୍ରଚାର ପାଇଁ ଯୋଗର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୋଗ ପ୍ରଶିକ୍ଷକ ସଞ୍ଜୟ ମଥାନ ଓ ଟୁଟୁ ମଲିକ ଯୋଗାସନ ପ୍ରଦର୍ଶନ କରି ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ମିଶନ ଶକ୍ତି ଗୋଷ୍ଠୀ ଓ ଅନ୍ୟାନ୍ୟ ଅନୁଷ୍ଠାନରୁ ପ୍ରାୟ ୩୦୦ରୁ ଅଧିକ ମହିଳା ଓ ଯୁବତୀ ଅଂଶଗ୍ରହଣ କରିଥିଲେ। ସୁସ୍ଥ ଶରୀର, ପୁଷ୍ଟିକର ଖାଦ୍ୟ ଓ ସୁସ୍ଥ ମାନସିକତା ଗଠନ ପାଇଁ ଯୋଗର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଅଂଶ ଗ୍ରହୀମାନଙ୍କୁ ସଚେତନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ମହିଳାଙ୍କ ଶାରୀରିକ ଓ ମାନସିକ ସୁସ୍ଥତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟ ।

# ଓଡ଼ିଶାର ଲୁପ୍ତପ୍ରାୟ ଲୋକକଳାର ସୁରକ୍ଷା ନିମନ୍ତେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ ସ୍ମରଣୀୟ ରହିବେ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**



ପାରମ୍ପରିକ ଲୋକକଳା ଚଇତି ଘୋଡ଼ାନାଚ ନୃତ୍ୟଗୁରୁ ତଥା ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଶିଶୁ ସଦନରେ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୁ ସେବକ ସଂଘ ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଦାସଙ୍କ କଳାକାର ଜୀବନର ବିଭିନ୍ନ କୃତି ସମ୍ପର୍କରେ ଆଲୋଚନା କରି ଲୁପ୍ତପ୍ରାୟ ଓଡ଼ିଶାର ପାରମ୍ପରିକ ଲୋକକଳା ଚଇତି ଘୋଡ଼ା ନାଚର ସୁରକ୍ଷା, ବିକାଶ ଓ ପ୍ରଚାର ପ୍ରସାର ଦିଗରେ ତାଙ୍କର ମହତ୍ ଅବଦାନ ତାଙ୍କୁ ଚୀର ସ୍ମରଣୀୟ କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ । ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ଡ. ବିଚିତ୍ରାନନ୍ଦ ସ୍ୱାଇଁ, ଟେଟ୍ରାହେଡ୍ରନ୍ ମୁଖ୍ୟ ତ୍ରିଦେବ ବେହେରା, ବିଷ୍ଣୁ ଚରଣ ପରିଡ଼ା, ଶରତ ଚନ୍ଦ୍ର ସ୍ୱାଇଁ, ରବିନ୍ଦ୍ର କୁମାର ସାହୁ, ପଞ୍ଚାନନ ବେହେରା, ବିଷ୍ଣୁ ଚରଣ ସାହୁ, ବୈରାଗୀ ଚରଣ ପ୍ରଧାନ,ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ଅଜିନୀ ବେହେରା, ଅଶୋକ କୁମାର ନାୟକ ପ୍ରମୁଖ ସ୍ୱର୍ଗତ ଦାସଙ୍କୁ ଚୌଦ୍ୱାର ତଥା ଓଡ଼ିଶାର ଗର୍ବ ଭାବେ ଅବିହିତ କରି ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଇଙ୍ଫାର ବରିଷ୍ଠ ଲୋକ ସମ୍ପର୍କ ମ୍ୟାନେଜର ମାନସ କୁମାର ବସନ୍ତିଆ, ପିଆରଓ ଅଭିଷେକ ଘୋଷ, ପ୍ରଶାନ୍ତ ହୋତା, ପ୍ରକାଶ ଚନ୍ଦ୍ର ବଡ଼ଜେନା, ବିଜୟ କୁମାର ବେହେରା, ମୋନାଲିସା ଦାସ, ସରିତା ଦାସ, ହରିହର ପରିଡ଼ା, ରାଜୀବ ମହାନ୍ତି, ମଙ୍ଗରାଜ ବେହେରା, ରମେଶ ଚନ୍ଦ୍ର ନାୟକ, ନୂଆସାହି ବରିଷ୍ଠ ନାଗରିକ ସଂଘର ନିକୁଞ୍ଜ ବିହାରୀ ପଣ୍ଡା, ରଘୁନାଥ ସ୍ୱାଇଁଙ୍କ ସମେତ ସ୍ଥାନୀୟ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ତଥା ଯୁବବର୍ଗ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରି ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାରମ୍ଭରେ ଶିଶୁ ସଦନର ଅନ୍ତେବାସୀଙ୍କ ଦ୍ୱାରା ସମୂହ ବେଦ ଆବୃତ୍ତି ଓ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା ।

# ୧୯୮୮ ମସିହା ବ୍ୟାଚ୍ ପକ୍ଷରୁ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା ପରିବାର ତରଫରୁ ସମାଜ ମଙ୍ଗଳ ହୁଣ୍ଡିଦାନ ଭଦ୍ରକ ଶାଖା ରୁ ଅସହାୟ ଗରିବ କର୍କଟ ପୀଡ଼ିତ ପାଇଁ ସହାୟତା ମଠଡିହ ନୋଡାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୮୮ ମସିହା ବ୍ୟାଚ୍ ତରଫରୁ ଗୁରୁପୂଜନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମ ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା ର ସଭାପତି ମିଥୁନ ଜେନାଙ୍କ ନେତୃତ୍ୱରେ ଓ ନବଜୀବନ ଫାଉଣ୍ଡେସନ ଓଡ଼ିଶା ଶାଖା ପକ୍ଷରୁ ୧୯୮୮ ବ୍ୟାଚ୍ ର ବନ୍ଧୁ ମାନେ କର୍କଟ ପୀଡ଼ିତାଙ୍କୁ ସହାୟତା ପ୍ରଦାନ କରିଥିଲେ। ଏବଂ ଏଥିସହ ସମସ୍ତ ପୂର୍ବତନ ଶିକ୍ଷକ ମହେନ୍ଦ୍ର ପଣ୍ଡା, ରକ୍ଷାକର ବିଶ୍ୱାସ,ଦୟାନିଧି ମିଶ୍ର, ବୈକୁଣ୍ଠ ବିଶ୍ୱାଳ,ରାହାସ ବିହାରି ନାୟକ, କହ୍ନେଇ ଚରଣ ବିଳାସ, ଭାରିରଥି ନାୟକ, ଦୁର୍ଯ୍ୟୋଧନ ନାୟକ, ପ୍ରଧାନ ଶିକ୍ଷୟତ୍ରୀ ବନିତା ପୃଷ୍ଟି ସାମାଜିକ ପ୍ରମୁଖ ଅତିଥି ଏବଂ ଅନୁଷ୍ଠାନ ର ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ । ସହଯୋଗ କର୍ମୀ ମାନସୀ ନାୟକ,ଦିଲ୍ଲୀପ ଶେଖର ନାୟକ,ଦୀପ୍ତି ରଞ୍ଜନ ବିଶ୍ୱାଳ,ଏଲିଲତା ନାୟକ, ଆକାଶ ଦାସ, ସଲେନ୍ଦ୍ର ନାୟକ,ମଧୁସ୍ମିତା ପଲାଇ,ଅକ୍ଷୟ ବାରିକ୍,ଦୀପକ ମଲ୍ଲିକ ଉପସ୍ଥିତ ରହି ସାହାଯ୍ୟ କରିଥିଲେ।

# ଧର୍ମଶାଳା ପଞ୍ଚାୟତ ସମିତି ଅଧିବେଶନ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**




ଧର୍ମଶାଳା ପଞ୍ଚାୟତ ସମିତିର ୧୨ତମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହିବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ସୁଚିସ୍ମିତା ଦାସ ଅଧକ୍ଷ ତାକରିଥିଲେ। ବିଡ଼ିଓ ଜ୍ୟୋତ୍ରୀମୟ କର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଧାକ୍ଷା ବିଶ୍ୱବିଜୟିନୀ ମିଶ୍ର ଯାଜପୁର ସାଂସଦ ପତ୍ରତିନିଧି କାହ୍ନୁ ଚରଣ ଦାସ, ବିଧାୟକ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାରୁ ପଞ୍ଚାୟତ ସ୍ତରରେ ଜଳକଷ୍ଟ ଆରମ୍ଭ ହୋଇଥିବା ସରପଞ୍ଚମାନେ ଅଭିଯୋଗ କରିଥିଲେ। ୩୦ ପଞ୍ଚାୟତରେ ୧୨୦ ଟ୍ୟାଙ୍କରେ ପାଣି ଯୋଗାଇ ଦିଆଯାଉଥିବାରୁ ନିର୍ଦ୍ଦିଷ୍ଟ ବୋରିଂପଏଣ୍ଟରୁ ଲୋକ ମାନେ ପାଣି ପାଉନଥିବା ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ପାଟପୁର ପଞ୍ଚାୟତ ସରପଞ୍ଚ ସନ୍ଧ୍ୟାରାଣୀ ନାୟକ ଅଭିଯୋଗ କରିଥିଲେ ଯେ ପଞ୍ଚାୟତ ଅଧିକାରୀଙ୍କ ଘନଘନ ବଦଳି ହେଉଥିବାରୁ ତାଙ୍କ ପଞ୍ଚାୟତରେ କୌଣସି କାମ ହେଉନାହିଁ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସୁଧୀର କୁମାର ସାହୁ ଓ ଅନ୍ୟସମସ୍ତ ବିଭାଗୀୟ ଅଧିକାରୀ, ୪୫ପଞ୍ଚାୟତ ଜନପ୍ରତିନିଧି ଯୋଗଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

# ମହିଳା ଦିବସ ଅବସରରେ ସୁବର୍ଣ୍ଣପୁରରେ ଶକ୍ତି ପଦଯାତ୍ରା

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସକାଳ ୮ଟା ରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର କ୍ରୀଡା ବିଭାଗ ପକ୍ଷରୁ ସୁରେଶ୍ୱରୀ ମନ୍ଦିରରୁ ସୋନପୁର ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଶକ୍ତି ପଦଯାତ୍ରା ଆୟୋଜନ କରାଯାଇଥିଲା। 'ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି' ବାର୍ତା ବହନ କରୁଥିବା ଏହି ପଦଯାତ୍ରା ଜିଲ୍ଲାର ମହିଳା ଏବଂ ଛାତ୍ରୀମାନଙ୍କୁ ଦେଶର ବିକାଶରେ ଅବଦାନ ରଖିବା ପାଇଁ ଉତ୍ସାହିତ କରିଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଏବଂ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଏହି ୫ କିଲୋମିଟର ବିଶିଷ୍ଟ ପଦଯାତ୍ରାକୁ ଧଳା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚିତ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୋନପୁର ଉପଜିଲ୍ଲାପାଳ ଡ଼. ସୌମ୍ୟରୁପା ରଥ ଏହି ପଦଯାତ୍ରାର ନେତୃତ୍ୱ ବହନ କରିଥିଲେ। ଏହି ପଦଯାତ୍ରାରେ ସୋନପୁର ପୌରପାଳିକା ଅଧକ୍ଷା ତାମସୀ ତମସ୍ମିତା ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଡ଼ିଏସପି ରେଣୁକା ସୁନା, ସୋନପୁର ଥାନା ଅଧିକାରୀ ଯାଦବ ବାଗ, ଡେପୁଟି କଲେକ୍ଟର ଏବଂ ଜିଲ୍ଲା ଜରୁରୀ ଶାଖା ଅଧିକାରୀ ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମା ସୁରେଶ୍ୱରୀଙ୍କ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା କ୍ରୀଡା ବିଭାଗ ପକ୍ଷରୁ ଆୟୋଜିତ ୩ (ତିନି) ଦିନିଆ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଅନ୍ତିମ କାର୍ଯ୍ୟକ୍ରମ ଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀମାନେ ଏବଂ ବିଭିନ୍ନ ଅନୁଷ୍ଠାନର ମହିଳାମାନେ ଏଥିରେ ଭାଗ ନେଇଥିଲେ। ବିଭିନ୍ନ ସ୍ଲୋଗାନ ବିଶିଷ୍ଟ ପୋଷ୍ଟର ଧରି ସେମାନେ ମା ସୁରେଶ୍ୱରୀଙ୍କ ପୀଠରୁ ବାହାରି ନଳିନୀ ଛକ ଦେଇ ସୋନପୁର ମହାବିଦ୍ୟାଳୟରେ ପହଂଚି ଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼. ସାହୁ ଉପସ୍ଥିତ ସମସ୍ତ ଛାତ୍ରୀ ଓ ମହିଳାଙ୍କୁ ଶୁଭେଚ୍ଛା ଜଣାଇ ଦେଶର ଉନ୍ନତିରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ ବୋଲି କହିଥିଲେ। ଏହା ସହିତ ଜିଲ୍ଲାର ସୁବର୍ଣ୍ଣ ନାରୀ ଜାଗରଣ ସମିତି, ତୁଳସୀ ମହିଳା ସମିତି, ଭାରତ ବିକାଶ ପରିଷଦ ମହିଳା ସହାଭାଗିତା ଆଦି ସଂଗଠନର ମହିଳାମାନେ ମଧ ପଦଯାତ୍ରାରେ ସକ୍ରିୟ ଭାବେ ଭାଗ ନେଇଥିଲେ ।

# ମହିଳାମାନେ ହିଁ ସମାଜର ମେରୁଦଣ୍ଡ

**ଜୟପୁର, ନ୍ୟୁଜ ବ୍ୟୁରୋ**

ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର ଠାରେ ଜାତୀୟ ସେବା ଯୋଜନା ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ଼. ବିବେକାନନ୍ଦ ସୁନା ଆନୁଷ୍ଠାନିକ ଉଦଘାଟନ କରିବା ସହ ଶିକ୍ଷା, ନାରୀ ସ୍ୱାଧୀନତାର ଅଧିକାର, ନାରୀମାନଙ୍କ ଆତ୍ମସମ୍ମାନ ଓ ନାରୀବାଦର ସଂଘର୍ଷର ଇତିହାସ ଉପରେ ଆଲୋକପାତ କରିଥିଲେ। ଉକ୍ତ ଦିବସରେ ସମ୍ମାନୀତ ଅତିଥି ତଥା ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, ସୁସାହିତ୍ୟିକା ବର୍ତ୍ତମାନ ସେମିଳିଗୁଡା ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ସୀ ସିଂହ ଯୋଗଦେଇ ନିଜ ବକ୍ତବ୍ୟରେ ନାରୀ ହିଁ ସମାଜର ମେରୁଦଣ୍ଡ, ମହିଳା ମାନଙ୍କ ସମ୍ପର୍କିତ ସାମ୍ବିଧାନିକ ଅଧିକାର, ଶିକ୍ଷା, ସାଂପ୍ରତିକ ସମାଜରେ ଉପୁଜୁଥିବା ବିଭିନ୍ନ ଲିଙ୍ଗଗତ ବିଭେଦତା ସମସ୍ୟା ଏବଂ ତାହାର ପ୍ରତିକାର, ଜନ୍ମ ମୃତ୍ୟୁର ପ୍ଲାବନ ଭିତରେ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଆବଶ୍ୟକତା, ବିଶ୍ୱ ଦରବାରରେ ଭାରତୀୟ ନାରୀମାନଙ୍କ ଅତୁଳନୀୟ ଅବଦାନ ଇତ୍ୟାଦି ବିଷୟରେ ବୁଝାଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଯୁକ୍ତ ତିନି ଜାତୀୟ ସେବା ଯୋଜନା ଅଧିକାରୀ ସୁନିତା କୁମାରୀ ପ୍ରଧାନ ଆଜିର ଦିବସର ମୁଖ୍ୟ ଉଦ୍ଦେଶ୍ୟ ଓ ବୈଶିଷ୍ଟ୍ୟକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିବା ସହ ଜୀବନରେ ଉତମ ମଣିଷ ହେବାକୁ ହେଲେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବା ଓ ସୁସମାଜ ଗଠନରେ ନାରୀମାନଙ୍କର ଭୂମିକା ଆଦି ଉପରେ ଉଲ୍ଲେଖ କରି କାର୍ଯ୍ୟକ୍ରମକୁ ନିଖୁଣ ଭାବରେ ପରିଚାଳନା କରିଥିଲେ। ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସୀମା ମହାପାତ୍ର, ଆନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱାରୋପ ଓ ଶୁଭେଚ୍ଛା ଜଣାଇ ଶେଷରେ ମଂଚାସୀନ ଅତିଥି ତଥା ସଭାରେ ଉପସ୍ଥିତ ସମସ୍ତ ଶ୍ରୋତାଗଣ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାଶେଷ ପର୍ଯ୍ୟାୟରେ ମହାବିଦ୍ୟାଳୟର ଛାତ୍ରୀ ବୃନ୍ଦ ଓ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଦ୍ୱାରା ସ୍ୱତନ୍ତ୍ର ନାରୀ ସମ୍ବନ୍ଧୀୟ କବିତା ପାଠୋତ୍ସବ ଓ ସଙ୍ଗୀତଗାନ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାବୃନ୍ଦଙ୍କ ସହ ଯୁକ୍ତ ଦୁଇ, ସ୍ନାତକ ଓ ସ୍ନାତକୋତର ଶ୍ରେଣୀର ଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଭାରତ ବିକାଶ ପରିଷଦର ଆନେମିଆ ମୁକ୍ତ ଭାରତ କାର୍ଯ୍ୟକ୍ରମ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ଭାରତ ବିକାଶ ପରିଷଦର ମହିଳା ସହଭାଗିତା ବିଭାଗ ତରଫରୁ ଆନେମିଆ ମୁକ୍ତ ଭାରତ ଭଳି ଏକ ସଚେତନତା କାର୍ଯ୍ୟକ୍ରମ କୋଏଲ ନଗର ସରସ୍ୱତୀ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅଶୋକ କକ୍କଡ ଓ ସମ୍ପାଦକ ବନ୍ଦିତା ମାହତୋଙ୍କ ଆବାହକତ୍ୱ ତଥା ମହିଳା ବିଭାଗର ପ୍ରମୁଖ ଅଞ୍ଜୁ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝିରପାଣି ସ୍ଥିତ ପୂର୍ଣ୍ଣିମା ନର୍ସିଂ ହୋମ ଓ ଦୀନକୃଷ୍ଣ ୱେଲଫେୟାର ସୋସାଇଟିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଥିଲା। ଏଥିରେ ମୁଖ୍ୟଅତିଥି ଭାବେ ନର୍ସିଂ ହୋମର ମୁଖ୍ୟ ଡାକ୍ତର ମଧୁସୂଦନ ସାହୁ ଯୋଗଦେଇ ଆନେମିଆ ବା ରକ୍ତହୀନତା କଣ, ଏହାର ନିରାକରଣ, ଆନେମିଆ ପୀଡ଼ିତଙ୍କ ସମସ୍ୟା ଓ ଏଥିରୁ ମୁକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପରିଷଦର ସଭାପତି ଶ୍ରୀ କକ୍କଡ ସ୍ୱାଗତ ଭାଷଣ ଓ ସମ୍ପାଦକ ଶ୍ରୀମତୀ ମାହାତୋ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର ପାଣି ପରିଷଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଛାତ୍ରୀ ମାନଙ୍କ ପାଇଁ ବିଶେଷ ଉପଯୋଗୀ ହେବ ବୋଲି ମତ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ୯ ବର୍ଷରୁ ୧୪ ବର୍ଷ ମଧ୍ୟରେ ପ୍ରାୟ ୧୩୦ ଜଣ ଛାତ୍ରୀଙ୍କର ପରୀକ୍ଷା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବ୍ରଜେନ୍ଦ୍ର ଦାଶ,ଡା ଗୌରୀ ଶଙ୍କର ପାତ୍ର,ଡା ରାମଚନ୍ଦ୍ର ମେହେର,ରବି ଦାସ, ମଧୁସୂଦନ ମହାପାତ୍ର, ପ୍ରଦୀପ ପଟ୍ଟନାୟକ, ଅଞ୍ଜୁ କକ୍କଡ, ସ୍ନେହଲତା ପାତ୍ର, ସସ୍ମିତା ନାୟକ,ଡ଼ା ରବିନାରାୟଣ ବେହେରା,ଡ ବିନୋଦ କୁମାର ସାହୁ,ମଞ୍ଜୁଲ ନାୟାର ଓ ବିଦ୍ୟାଳୟ ତରଫରୁ ବରିଷ୍ଠ ଶିକ୍ଷକ ସର୍ବଶ୍ରୀ ମଦନମୋହନ ଆରୁଖ, ସୁପ୍ରଭା ସାମଲ, ସବିତା ପୂଜାରୀ, ସରୋଜ ଲେଙ୍କା, କଳ୍ପନା ପାଇକରାୟ, ସାବିତ୍ରୀ ବଡାଇକ, ମୀନତି ମହାନ୍ତି,ଅନୁସୂୟା ଦାସ, ପୃଥିବୀ ରାଉତ, ସତ୍ୟଭାମା ବେହେରା, ପୂର୍ଣ୍ଣଚନ୍ଦ୍ର ମାହାତୋ, ମୀନତି କିଶାନ, ଯଶୋଦା ବାଇକ, ମଞ୍ଜୁ ବଇଠା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

ପ୍ରଭାତୀୟ
32 YEARS
ସମ୍ବାଦ କଳିକା

# ଗ୍ୟାସ ନାହିଁ ତ ଟିଫିନ ନାହିଁ

ମଧ୍ୟପ୍ରାଚ୍ୟରେ ଯୁଦ୍ଧପାଇଁ ସେଠାରୁ ଗ୍ୟାସ ଯୋଗାଣ ବନ୍ଦ ହୋଇଯାଇଛି। ଏଭଳି କ୍ଷେତ୍ରରେ ଦେଶରେ ଦେଖାଦେଇଛି ବଡ଼ ଏଲ୍‌ପିଜି ସଂକଟ । ଲୋକେ ବିପୁଳ ସଂଖ୍ୟାରେ ସିଲିଣ୍ଡର ଠୁଳ କରିଦେଉଛନ୍ତି । ଫଳରେ କଳାବଜାରୀଙ୍କ ଉତ୍ପାତ ବଢ଼ିଛି । କୃତ୍ରିମ ଅଭାବ ସ୍ଥିତିରେ ଅନେକ ଶିଳ୍ପ ପ୍ରଭାବିତ ହୋଇଛି । ସବୁଠୁ ଅଧିକ ମାଡ଼ ଖାଇଛି ହୋଟେଲ ଏବଂ ରେସ୍ତୋରାଁ ଶିଳ୍ପ । ଘରୋଇ ଏଲ୍‌ପିଜି ଯୋଗାଣ ଉପରେ ଜୋର ଦିଆଯାଉଥିବାବେଳେ ହୋଟେଲ ଏବଂ ରେସ୍ତୋରାଁଗୁଡ଼ିକୁ କମର୍ସିଆଲ ଏଲ୍‌ପିଜି ଯୋଗାଣ ବନ୍ଦ କରିଦିଆଯାଇଛି । ଏଭଳି ସ୍ଥିତିରେ ଅଧିକାଂଶ ହୋଟେଲ ବନ୍ଦ ହୋଇଯାଇଥିବାବେଳେ କିଛି ହୋଟେଲ ସେମାନଙ୍କ ମେନ୍ୟୁକୁ ଛୋଟ କରିଦେଲେଣି । ଅନେକ ସହରରେ ରେସ୍ତୋରାଁ ଏବଂ କ୍ଲାଉଡ୍ କିଚେନ୍ ଗ୍ୟାସ ଅଭାବ ସ୍ଥିତିର ସାମ୍ନା କରୁଛନ୍ତି । ଫଳରେ ସ୍ୱିଗି ଏବଂ ଜୋମାଟୋ ଭଳି ଖାଦ୍ୟ ଡେଲିଭରୀ ପ୍ଲାଟ୍‌ଫର୍ମଗୁଡ଼ିକରେ ଅର୍ଡର ସଂଖ୍ୟା ହ୍ରାସ ପାଇଛି । ଗିଗ୍ ୱର୍କରଙ୍କ କହିବାନୁସାରେ, ପୂର୍ବରୁ ସେମାନେ ଦିନକୁ ୩୦ଟି ଅର୍ଡର ଡେଲିଭର କରୁଥିଲେ । ଏବେ ତାହା ୫ରୁ ୧୦କୁ ହ୍ରାସ ପାଇଛି । କାରଣ ରେସ୍ତୋରାଁଗୁଡ଼ିକ ମେନ୍ୟୁ ଛୋଟ କରିଦେଇଛନ୍ତ କିମ୍ବା ନିଜେ ବନ୍ଦ ହୋଇଯାଇଛନ୍ତି । ରୁଟି, ଦୋସା ଏବଂ ପୁରି ଭଳି ଅଧିକ ଗ୍ୟାସ୍ ଖର୍ଚ୍ଚ କରୁଥିବା ଖାଦ୍ୟ ମେନ୍ୟୁରୁ ହଟିଯାଇଛି । ତେଣୁ ଲୋକେ ନିଜ ପସନ୍ଦର ଖାଦ୍ୟ ଅର୍ଡର କରିପାରୁନାହାନ୍ତି । ଗିଗ୍ ଏବଂ ପ୍ଲାଟ୍‌ଫର୍ମ ସେବା କର୍ମଚାରୀ ସଂଘର କହିବାନୁସାରେ, ଜୋମାଟୋ ଏବଂ ସ୍ୱିଗି ଭଳି ପ୍ଲାଟ୍‌ଫର୍ମଗୁଡ଼ିକରେ ଖାଦ୍ୟ ଡେଲିଭରି ୫୦ରୁ ୬୦% ବାତିଲ ହେଉଛି । ଏଭଳି ସମୟରେ କେତେକ ଡେଲିଭରୀ ପାର୍ଟନର, ଯେଉଁମାନେ ପୂର୍ବରୁ ଅଧିକ ଡେଲିଭରି କରୁଥିଲେ, ସେମାନେ ଏବେ ଦିନରେ କେବଳ ୪ରୁ୫ଟି ଅର୍ଡର ଡେଲିଭରୀ କରୁଛନ୍ତି । ଫଳରେ ସେମାନେ ବଡ଼ ଆର୍ଥିକ ସଂକଟର ସାମ୍ନା କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ସଂଘ ସରକାରଙ୍କ ନିକଟରେ କିଛି ଜରୁରୀ ଦାବି ରଖିଛି । ସେଗୁଡ଼ିକ ହେଲା ପ୍ରଭାବିତ ଗିଗ୍ ୱର୍କରମାନଙ୍କୁ ତୁରନ୍ତ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ଦିଆଯାଉ । ସ୍ୱିଗି ଏବଂ ଜୋମାଟୋ ଭଳି ପ୍ଲାଟ୍‌ଫର୍ମଗୁଡ଼ିକରେ ଆଇଡି ଡିଆକ୍ଟିଭେଟ୍ ଉପରେ ଅନ୍ୟୁନ ୩ ମାସ ରୋକ୍ ଲଗାଯାଉ । ଡେଲିଭରି ପାର୍ଟନରମାନଙ୍କୁ ଏହି ଅବଧିରେ ଅନ୍ୟୁନ ସର୍ବନିମ୍ନ ପ୍ରୋତ୍ସାହନ ଏବଂ ନିଶ୍ଚିତ ଆୟ ପ୍ରଦାନ କରାଯାଉ । ଗ୍ୟାସ ସଂକଟ ଦ୍ୱାରା ପ୍ରଭାବିତ ଡେଲିଭରି ପାର୍ଟନର, କ୍ଲାଉଡ୍ କିଚେନ କର୍ମଚାରୀ, ରାଇଡ୍‌ହେଲିଙ୍ଗ୍ ଡ୍ରାଇଭର ଏବଂ କ୍ଷୁଦ୍ର ଖାଦ୍ୟ ବ୍ୟବସାୟରେ ଜଡ଼ିତ ଲୋକଙ୍କ ପାଇଁ ରିହାତି ପ୍ୟାକେଜ୍ ପ୍ରଦାନ କରାଯାଉ ବୋଲି ଦାବି କରାଯାଉଛି ।



## ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

### ଦ୍ୱିତୀୟ ଅଧ୍ୟାୟ

### ଭକ୍ତ ଭଗବାନଙ୍କ ସମ୍ପର୍କ

ଭକ୍ତ କହନ୍ତି କାହାକୁ ? ଯାହାର ଭଗବାନଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ନିଷ୍କାମ ବା ଅହେତୁକୀ ଭକ୍ତି, ଯେ କି ଭଗବତ ପ୍ରେମରେ ଉନ୍ମାଦ, ଏପରି ଭକ୍ତର ବୋଝ ଭଗବାନ ବହନ କରନ୍ତି । 'ଯୋଗକ୍ଷେମ ବହାମ୍ୟହଂ' । ଏପରି ଭକ୍ତ ବଡ ଦୁର୍ଲଭ । ଏକମାତ୍ର ଶୁଦ୍ଧାଭକ୍ତିରେ ବା ଶୁଦ୍ଧପ୍ରେମରେ ଭଗବାନ ଭକ୍ତାଧୀନ ଓ ପ୍ରେମ ଦାୟରେ ଭକ୍ତର ପାଖରେ ବନ୍ଧା ପଡି ପରାଜୟ ସ୍ୱୀକାର କରନ୍ତି । ଭକ୍ତ ଯେପରି ଭଗବାନଙ୍କୁ ଛାଡିରହି ପାରେନା, ଭଗବାନ ସେହିପରି ଭକ୍ତକୁ ଛାଡି ରହି ପାରନ୍ତି ନାହିଁ । ଉଦାହରଣ - ଠିକ ପ୍ରେମାସକ୍ତ ଯୁବକ-ଯୁବତୀଙ୍କ ପରି । ସେମାନଙ୍କ ପ୍ରେମ ସ୍ୱାର୍ଥପ୍ରେମ କିନ୍ତୁ ଭଗବତ ପ୍ରେମ ଇନ୍ଦ୍ରିୟାତୀତ ।

ଆଉ ମଧ ବିନା ଜ୍ଞାନରେ ପରାଭକ୍ତି ଲାଭ ହୁଏନା । ପରମେଶ୍ୱର ସର୍ବଭୂତରେ ସର୍ବଜୀବରେ ଅଛନ୍ତି । ଜୀବଜଗତ ତାଙ୍କଠାରୁ ଭିନ୍ନ ସତ୍ତା ନୁହେଁ। ଏହା ଉପଲବ୍ଧି କରିବାକୁ ହେବ । ପରମାତ୍ମାଙ୍କ ସହିତ ଜୀବ ଜଗତ ଓ ଅନ୍ତରାତ୍ମାର ଏକାତ୍ମବୋଧ ହିଁ ପରାଭକ୍ତି ଓ ପରମ ଜ୍ଞାନ । ତେବେ ଅଧିକାରୀ ଭେଦରେ ଏ ଦୁଇଟି ପଥ ଓ ସାଧନ ଭିନ୍ନ ପ୍ରକାରର । ଜ୍ଞାନର ଅଧିକାରୀ ଜଗତରେ ବିରଳ । ପଥ ମଧ ଅତ୍ୟନ୍ତ ଦୁଃସାଧ୍ୟ । ଜ୍ଞାନ ମିଶ୍ରା ଭକ୍ତି ହିଁ ଅପେକ୍ଷାକୃତ ସହଜ ଓ ସୁଗମ ପଥ ।

ମେଘ ଯେତେ ଗର୍ଜନ କରୁ, ଯେତେ ଝଡ ବୃଷ୍ଟି ହେଉ, ଯେତେ ବିଦ୍ୟୁତ ଚମକୁ ବା ବଜ୍ରପାତ ହେଉ, ଚାତକପକ୍ଷୀ ଏ ସବୁକୁ ଭୟ ନ କରି ଆକାଶକୁ ଅନାଇ ମନମୁତାବକ ବର୍ଷାଜଳ ପାନ କରି ତା'ର ତୃଷ୍ଣା ନିବାରଣ କରିଥାଏ । ସେ ତୃଷ୍ଣାରେ ପ୍ରାଣ ବିସର୍ଜନ କରିପାରେ, କିନ୍ତୁ ନୀଚରେ ଥିବା ଜଳାଶୟରୁ କେତେବେଳେ ଜଳ ପିଇବ ନାହିଁ । ସେହିପରି ଭକ୍ତ ତା'ର ପ୍ରାଣର ତୃଷ୍ଣା ମେଣ୍ଟାଇବା ନିମିତ୍ତ ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସିର ପ୍ରତ୍ୟାଶା ରଖେ ନାହିଁ । ସେଥିପାଇଁ ଯେତେ ବାଧା-ବିଘ୍ନ ଘଟିଲେ ମଧ ସେ ବିଚଳିତ ହୁଏ ନାହିଁ ।

**ଭକ୍ତର ଲକ୍ଷଣ**

କଷ୍ଟ ନକଲେ କୃଷ୍ଣ ଲାଭ ହୁଏନା । ଗୋଟିଏ ଶିଶୁ ଖଟିଲେ ପାଏ । କାରଣ ସେ ଜାଣେ - 'ମା' ତାର ସବୁ । ତାର ଯାହା ଦରକାର 'ମା' ଆଣିଦେବ । ତେଣୁ ସେ 'ମା' ବାତୀତ ଆଉ କିଛି ଜାଣେ ନାହିଁ । ତାକୁ ନିଜ ପାଇଁ କିଛି ଭାବିବାକୁ ପଡେ ନାହିଁ । ଧର୍ମ ଜୀବନରେ ଠିକ ଶିଶୁର ମନ ଓ ଶିଶୁର ପ୍ରାଣ ଦରକାର । ଶିଶୁକୁ ଯେତେବେଳେ କ୍ଷୁଧା ଲାଗେ ସେ କାନ୍ଦେ । ସେତେବେଳେ ମା' ତାକୁ ଆପେ କୋଳକୁ ନେଇ କ୍ଷୀର ପାନ କରାଏ । ଭକ୍ତ ସେହିପରି ଭକ୍ତି ଲାଭର ପିପାସାରେ ବ୍ୟାକୁଳ ହୋଇ ପ୍ରାର୍ଥନା କରି କାନ୍ଦିଲେ ଭଗବାନ ତା କଥା ଶୁଣନ୍ତି । ସେଥିଲାଗି କୁହାଯାଏ ଯେ, ଭକ୍ତର ଲକ୍ଷଣ ଶିଶୁଭଳି ।

# ଓଡ଼ିଆ- ଏକ ଶାସ୍ତ୍ରୀୟ ଭାଷା



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୦୫; ଭୁବନେଶ୍ୱର
ଫୋନ୍- ୮୨୪୯୬୫୦୪୧୪

'ମାତୃଭୂମି ମାତୃ ଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।'

ସ୍ୱଭାବ କବି ଗଙ୍ଗାଧରଙ୍କ ଏହି କାଳଜୟୀ ଉକ୍ତି ମନେପକାଇଦିଏ ଓଡ଼ିଆ ଜାତି ଏବଂ ଓଡ଼ିଆ ଅସ୍ମିତାକୁ । ତାଙ୍କର ଏହି ପଙ୍କ୍ତି ପ୍ରତିଟି ଓଡ଼ିଆଙ୍କୁ ମାତୃଭୂମି ଓ ମାତୃଭାଷାର ମମତାର ଡୋରୀରେ ବାନ୍ଧି ରଖିବାକୁ ବାଧ କରିଥାଏ। ଯେଉଁ ଜାତିର ଭାଷା ନାହିଁ, ଯେଉଁ ଜାତି ନିଜ ମାତୃଭାଷାକୁ ଭଲପାଏ ନାହିଁ, ସେ ଜାତି କେବେବି ଅଗ୍ରଗାମୀ ହୋଇପାରିବ ନାହିଁ ।

ଇତିହାସ ସାକ୍ଷୀ ଅଛି , ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ନିମନ୍ତେ କେତେଯେ କଷ୍ଟ ସ୍ୱୀକାର କରିବାକୁ ପଡିଛି ଏହି ଓଡ଼ିଆ ଜାତିକୁ। ଆଜି ହେଉଛି ସେହି ପବିତ୍ର ଦିବସ ଯେଉଁଦିନ ଆମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା । ଓଡ଼ିଆ ଭାଷା ହେଉଛି ଆମ ଅସ୍ମିତାର ପରିଚୟ। ଓଡ଼ିଶା ସରକାରଙ୍କ ପ୍ରାଶାସନିକ ଭାଷା ମଧ ଓଡ଼ିଆ । ଏଠି ଏକ ସ୍ଲୋଗାନକୁ ଉଦ୍ଧାର କରିବା -

' ବଢିବାକୁ ହେଲେ ଜ୍ଞାନ ଆବଶ୍ୟକ
ଆବଶ୍ୟକ ବିଦ୍ୟା ବୁଦ୍ଧି ,
ସେଗୁଣ ସବୁକୁ ଧରି ରଖିଅଛି
ମାତୃଭାଷା ମହୋଦଧି ।'

ଦିନଥିଲା ଯେତେବେଳେ କାନ୍ତିଲାଲ୍ ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗୀୟ ଲୋକ କହିଥିଲେ ଯେ ,

' ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନଏ' ।

ଏତିକି ଶୁଣିଦେଲେ ଯେକୌଣସି ସ୍ୱାଭିମାନୀ ଓଡ଼ିଆକୁ ଶକ୍ତ ଆଘାତ ଲାଗିବା ସ୍ୱାଭାବିକ କଥା। ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖ ଦିନ ଭାରତ ସରକାରଙ୍କ ରାଜପତ୍ରରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ଭାବରେ ଘୋଷଣା କରାଗଲା । ଶାସ୍ତ୍ରୀୟ ଭାଷାର ଗୌରବ ଅର୍ଜନ କରିବାରେ ଓଡ଼ିଆ ହେଲା ଷଷ୍ଠତମ ଭାଷା । ଏହା ପୂର୍ବରୁ ତାମିଲ୍ , କନ୍ନଡ, ତେଲୁଗୁ , ସଂସ୍କୃତ ଓ ମାଲାୟାଲାମ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇସାରିଥିଲେ । ସଂସ୍କୃତ ଏକ ଶାସ୍ତ୍ରୀୟ ଭାଷା ଭାବରେ ବିଶ୍ୱ ବିଦିତ । ତେବେ ଏହି ଶାସ୍ତ୍ରୀୟ ଭାଷା କଥାଟା କ'ଣ ?

ଶାସ୍ତ୍ରୀୟ ଭାଷାର ଇଂରାଜୀ ପ୍ରତିଶବ୍ଦ ହେଉଛି- Classical Language. ଏହି କ୍ଲାସିକାଲ ଶବ୍ଦର ଉତ୍ପତ୍ତି ଲାଟିନ୍ ଶବ୍ଦ Classicus ରୁ ହୋଇଛି । ଆମ ଅସ୍ମିତାର ପରିଚୟ ହେଉଛି ଓଡ଼ିଆ ଭାଷା । ଏହାର ମାଧୁର୍ଯ୍ୟ ଆମକୁ ସ୍ୱତନ୍ତ୍ର କରିପାରିଛି । ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ଓଡ଼ିଆ ଷଷ୍ଠତମ ଭାରତୀୟ ଭାଷା ଭାବରେ ସ୍ୱତନ୍ତ୍ର ସ୍ଥାନ ପାଇଛି । ତେବେ ୨୦୧୪ ମସିହା ଫେବ୍ରୁଆରୀ ୨୦ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେଇଥିବାବେଳେ ମାର୍ଚ୍ଚ ୧୧ ତାରିଖ ଦିନ ଭାରତ ରାଜପତ୍ରରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ବିଷୟକ ଅଧିସୂଚନା ପ୍ରକାଶ ହୋଇଥିଲା । ଏହାପରେ ୨୦୧୫ ମସିହାରୁ ପ୍ରତିବର୍ଷ ମାର୍ଚ୍ଚ ୧୧ ତାରିଖକୁ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ' ଭାବରେ ରାଜ୍ୟବ୍ୟାପୀ ପାଳନ କରାଯାଉଛି । ଓଡ଼ିଆ ଭାଷା ସମ୍ପର୍କରେ ବିଶ୍ୱବ୍ୟାପୀ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହେଉଛି । ଦେଶର ଷଷ୍ଠତମ ଭାଷା ଓଡ଼ିଆ ହୋଇଥିଲେ ମଧ ଏହା ହେଉଛି ପ୍ରଥମ ଆର୍ଯ୍ୟ ଭାଷା । ଏହି ମାନ୍ୟତା ପାଇବାରେ ଅନ୍ୟ ଭାଷାଗୁଡ଼ିକ ମଧରେ ତାମିଲ, ତେଲୁଗୁ, କନ୍ନଡ ଓ ମାଲାୟାଲମ ଇତ୍ୟାଦି ଯାହାକି ଦ୍ରାବିଡ ଭାଷା ଗୋଷ୍ଠୀର ଅନ୍ତର୍ଗତ ଅଟେ ।

ପୃଥିବୀର ଭାଷା ସମୂହ ମଧରୁ ପ୍ରାଚ୍ୟର ତିନିଗୋଟି ଯଥା- ସଂସ୍କୃତ, ଚୀନ୍ ଓ ଆରବୀ ଏବଂ ପାଶ୍ଚାତ୍ୟର ଦୁଇଟି ଗ୍ରୀକ୍ ଓ ଲାଟିନ୍ କ୍ଲାସିକାଲ ଭାଷାର ମର୍ଯ୍ୟାଦା ପାଇଥିଲେ । ଶାସ୍ତ୍ରୀୟ ମାନ୍ୟତା ପାଇବାପାଇଁ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥିବା

ମାନଦଣ୍ଡ:-

୧. ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ପାଇଁ ଦାବି କରୁଥିବା ଭାଷାଭାଷୀ ଜାତିର ଅନ୍ୟୁନ ୧୫୦୦ ରୁ ୨୦୦୦ ବର୍ଷର ଲିଖିତ ଇତିହାସ ଓ ଐତିହ୍ୟ ତଥା ପ୍ରାଚୀନ ସଂସ୍କୃତି ଥିବ ।

୨. ଯୁଗଯୁଗ ଧରି ମହତ୍ତ୍ୱପୂର୍ଣ୍ଣ ମନେକରାଯାଉଥିବା ପ୍ରାଚୀନ ସାହିତ୍ୟ ଓ ଗ୍ରନ୍ଥ ରଚନାର ପରମ୍ପରା ଥିବ ।

୩. ତାଙ୍କ ଭାଷା ଅନ୍ୟ କୌଣସି ଭାଷା ଦ୍ୱାରା ପ୍ରଭାବିତ ନହୋଇ ତାହାର ମୌଳିକ ସୃଷ୍ଟି ରହିଥିବ ।

୪. ଆଧୁନିକ ଭାଷାଠାରୁ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଓ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଥିବାରୁ ସେହି ପ୍ରାଚୀନ ଭାଷା ଓ ତା'ର ଉପଜାତ ଆଧୁନିକତା ଭାଷାର ଅବିଚ୍ଛିନ୍ନତା ରହିନପାରେ।

ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଭାଷା ଗୁଡିକର ବର୍ଷଓ୍ୱାରୀ ସୂଚନା ନିମ୍ନରେ ପ୍ରଦତ୍ତ :-

୦୧ . ତାମିଲ୍ - ୨୦୦୪ ମସିହା
୦୨ . ସଂସ୍କୃତ- ୨୦୦୫ ମସିହା
୦୩ . କନ୍ନଡ - ୨୦୦୮ ମସିହା
୦୪ . ତେଲୁଗୁ - ୨୦୦୮ ମସିହା
୦୫ . ମାଲାୟାଲମ- ୨୦୧୩ ମସିହା
୦୬ . ଓଡ଼ିଆ- ୨୦୧୪ ମାର୍ଚ୍ଚ ୧୧
୦୭ . ମରାଠି, ପାଲ୍ଲି, ପ୍ରାକୃତ, ଆସାମିଜ୍ ଓ ବେଙ୍ଗଲି - ୨୦୧୪ ମସିହା ।

୧୯୧୫ ରେ 'ଉତ୍କଳ ଭାଷାର ଭୂତ ଓ ଭବିଷ୍ୟତ' ଆଲୋଚନାରେ ବ୍ୟାସକବି ଫକୀରମୋହନ ସେନାପତି ଉଲ୍ଲେଖ କରିଥିଲେ ; ' ଆମ୍ଭେମାନେ ସହସ୍ର ବର୍ଷ ପୂର୍ବେ ଲିଖିତ, ସୁମାର୍ଜିତ, ପୂର୍ଣ୍ଣାଙ୍ଗ ବିଶିଷ୍ଟ ଉତ୍କଳ କବିତାମାନ ପାଠ କରିଅଛୁ । ଏଥକୁ ମସିହା ଜନ୍ମ ପୂର୍ବେ ଏ ଦେଶରେ ଯେ ଲିଖିତ ଭାଷାଥିଲା, ଏହା ଅନୁମାନ କରିବା ଅସଙ୍ଗତ ନୁହେଁ।' ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ନିମନ୍ତେ ଓଡିଶାର ବିଶେଷଜ୍ଞ କମିଟି -କଳିଙ୍ଗ ଭୂମି ଓ ଉଡ୍ର ଭାଷାର ପ୍ରାଚୀନତା ସଂଗ୍ରହ କରିବାପାଇଁ ବୁଦ୍ଧାୟନଙ୍କ ଧର୍ମସୂତ୍ର (ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀ), ପାଣିନୀଙ୍କ ଅଷ୍ଟାଧ୍ୟାୟୀ (ଖ୍ରୀ:ପୂ: ଚତୁର୍ଥ ଶତାବ୍ଦୀ), ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର (ଖ୍ରୀ:ପୂ: ଚତୁର୍ଥ ଶତାବ୍ଦୀ) , ମହାଭାରତ, ରାମାୟଣ, ସ୍କନ୍ଦ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ମାର୍କଣ୍ଡ ପୁରାଣ, ମେଘାସ୍ଥିନିସଙ୍କ ଇଣ୍ଡିକା ଓ ହୁଏନସାଙ୍କ ବିବରଣୀ ଇତ୍ୟାଦିରୁ ତଥ୍ୟ ସଂଗ୍ରହ କରିଥିଲେ ।

ଏତଦବ୍ୟତୀତ-କ ଜନବୀମ୍ସଙ୍କ Comparative Grammar of Modern Aryan Languages of India, ଖ. ସାର୍ ଜର୍ଜ୍ ଗ୍ରୀୟରସନଙ୍କ Linguistic Survey of India, ଗ. ବିଜୟଚନ୍ଦ୍ର ମଜୁମଦାରଙ୍କ Typical Solution from Odia Literatureକୁ ମଧ ଆଧାର କରାଯାଇଥିଲା ।

ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଆଜି ତେର ବର୍ଷ ବିତିଯାଇଛି । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ନିମନ୍ତେ ଆମକୁ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ହେବ । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଆଜିର ଏହି ପବିତ୍ର ଦିବସ ଅବସରରେ ସମସ୍ତ ଓଡିଆଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

' ଆଉ ଯେତେ ଭାଷା
ଶିଖୁଛ ଶିଖ, ନିଜ ମାତୃଭାଷା
ମହତ ରଖ ।'

# ଡାକ୍ତର କବି ପ୍ରସାଦ ମିଶ୍ର: ଜଣେ ସାହିତ୍ୟାନୁରାଗୀ ହୃଦରୋଗ ବିଶେଷଜ୍ଞ



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/
୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ଡଃ କବି ପ୍ରସାଦ ମିଶ୍ର ଭାରତୀୟ ଚିକିତ୍ସା ବିଜ୍ଞାନ ଜଗତର, ବିଶେଷ କରି ହୃଦରୋଗ ଚିକିତ୍ସା କ୍ଷେତ୍ରରେ ଜଣେ ଅଗ୍ରଗଣ୍ୟ ବ୍ୟକ୍ତିତ୍ୱ ଥିଲେ। କେବଳ ଜଣେ ଚିକିତ୍ସକ ଭାବେ ତାଙ୍କୁ ସୀମିତ ରଖିବା ତାଙ୍କର ବହୁମୁଖୀ ପ୍ରତିଭା ପ୍ରତି ଅବିଚାର ହେବ। ସେ ଜଣେ ବାଗ୍ମୀ, ସୁସାହିତ୍ୟିକ ଏବଂ ଜଗନ୍ନାଥ ସଂସ୍କୃତିର ଜଣେ ଗଭୀର ଗବେଷକ ଥିଲେ। ଆଧୁନିକ ବିଜ୍ଞାନ ଓ ପ୍ରାଚୀନ ଆଧ୍ୟାତ୍ମିକତାର ଏକ ବିରଳ ସମନ୍ୱୟ ତାଙ୍କ ବ୍ୟକ୍ତିତ୍ୱରେ ଦେଖିବାକୁ ମିଳୁଥିଲା।

୧୯୩୮ ମସିହା ଅଗଷ୍ଟ ୧୦ ତାରିଖରେ କଟକରେ ଜନ୍ମଗ୍ରହଣ କରିଥିବା ଡଃ ମିଶ୍ରଙ୍କ ଚିକିତ୍ସା ବିଜ୍ଞାନ ଯାତ୍ରା କଟକର ଏସ.ସି.ବି. ମେଡିକାଲ କଲେଜରୁ ଆରମ୍ଭ ହୋଇଥିଲା। ଏହାପରେ ସେ ଚଣ୍ଡିଗଡ଼ର ପ୍ରତିଷ୍ଠିତ ପି.ଜି.ଆଇ. (PGIMER) ରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ତାଙ୍କର ଅସାଧାରଣ ପ୍ରତିଭା ଯୋଗୁଁ ସେ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇଥିଲେ। ସେ ୧୯୭୯ ମସିହାରେ ଆମେରିକାରୁ FACC ଏବଂ ୨୦୦୫ ମସିହାରେ ଗ୍ଲାସଗୋରୁ FRCP ଉପାଧି ପ୍ରାପ୍ତ ହୋଇଥିଲେ। ଡଃ ମିଶ୍ର ଜଣେ ଦକ୍ଷ ଡାକ୍ତର ଭାବେ ପରିଚିତ ଥିଲେ। ରୋଗୀଙ୍କ ସହ ତାଙ୍କର ବ୍ୟବହାର ଓ ଚିକିତ୍ସା ଶୈଳୀରେ ଏକ ଅଭୁତ ସହାନୁଭୂତି ରହୁଥିଲା। ତାଙ୍କ ଦେଶ ପ୍ରେମ ଭାବ ଯୋଗୁଁ ସେ ଆମେରିକା ଛାଡି ଓଡ଼ିଶାରେ ଆସି ହୃଦରୋଗ ସେବା ଦେବାକୁ ମନସ୍ଥ କଲେ। ମାତ୍ର ସେତେବେଳେ ଓଡ଼ିଶାରେ ଏତେ ଉନ୍ନତ ଚିକିତ୍ସା ପାଇଁ ଉତ୍ତମ ଭିତ୍ତିଭୂମି ନଥିଲା ବୋଲି ପରବର୍ତ୍ତୀ ସମୟରେ ତାଙ୍କୁ ଚେନ୍ନାଇ ଯିବାକୁ ପଡିଲା। ପ୍ରଥମେ ସେ ରାଉରକେଲାର ଇସ୍ପାତ ଜେନେରାଲ ହସ୍ପିଟାଲ (IGH) ରୁ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ପରେ ଚେନ୍ନାଇ ସ୍ଥିତ ଆପୋଲୋ ହସ୍ପିଟାଲରେ ଦୀର୍ଘ ୪୦ବର୍ଷ କାର୍ଯ୍ୟ କରି ଦେଶର ଜଣେ ପ୍ରତିଷ୍ଠିତ ହୃଦରୋଗ ବିଶେଷଜ୍ଞ ଭାବେ ଖ୍ୟାତି ଅର୍ଜନ କରିଥିଲେ। ୨୦୧୦ ମସିହାରେ ସେ ଯେତେ ବେଳେ ତାଙ୍କୁ ୭୦ ବର୍ଷ ପୁରିଲା ସେତେ ବେଳେ ସେ ନିଜ ବୃଦ୍ଧା ମାତା ଓ ମାତୃଭୂମି ଓଡ଼ିଶାକୁ ଫେରି ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ନିର୍ଦ୍ଦେଶକ (Medical Education) ଭାବେ ଯୋଗ ଦେଇଥିଲେ । ଏହି ସମୟରେ ନିଜ ପ୍ରାରମ୍ଭିକ ଜୀବନର ଅଧୁରା ସ୍ୱପ୍ନ କୁ ପୂର୍ଣ୍ଣ କରିବା ଲାଗି ଓଡ଼ିଶାର ଲୋକଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଭିତ୍ତିଭୂମି ସ୍ଥାପନ ଦିଗରେ ସେ ବିଭିନ୍ନ ସଂସ୍ଥା ମାନଙ୍କୁ ଯଥା ଶ୍ରୀ ରାମ କୃଷ୍ଣ ମିଶନ, ଶ୍ରୀ ସତ୍ୟ ସାଇ ସେବା ସଂସ୍ଥା, ଶ୍ରୀ ଶ୍ରୀ ବଡ଼ଦା ଚକ୍ଷୁ ହସ୍ପିଟାଲ, କଳିଙ୍ଗ ହସ୍ପିଟାଲ ଆଦିଙ୍କୁ ଉପଦେଶ ଓ ଦିଶା ଦେଖେଇ ଥିଲେ। ସତୁରି ବର୍ଷ ବୟସରୁ ଜୀବନ ଶେଷ ପର୍ଯ୍ୟନ୍ତ ସମସ୍ତ ରୋଗୀଙ୍କୁ ଦେୟ ମୁକ୍ତ ଚିକିତ୍ସା ଦେବା ଥିଲା ତାଙ୍କର ସଂକଳ୍ପ।

ଡାକ୍ତରୀ ବୃତ୍ତି ସହ ସେ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ପାଇଁ ସମୟ ବାହାର କରୁଥିଲେ। ଜଗନ୍ନାଥ ସଂସ୍କୃତି ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ବକ୍ତୃତା ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା। ଚେନ୍ନାଇରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା, ଯାହା ତାମିଲନାଡୁ ଓ ଓଡ଼ିଶା ମଧ୍ୟରେ ଏକ ସାଂସ୍କୃତିକ ସେତୁ ସଦୃଶ। ଡଃ ମିଶ୍ରଙ୍କ ପାଇଁ ଜଗନ୍ନାଥ କେବଳ ଏକ ମୂର୍ତ୍ତି ନଥିଲେ, ବରଂ ସେ ଥିଲେ 'ମାନବୀୟ ଜୀବନର ପରିପୂର୍ଣ୍ଣତା'। ତାଙ୍କ ମତରେ: ସମତା ଓ ଭାତୃଭାବ: ଜଗନ୍ନାଥ ସଂସ୍କୃତିରେ ଜାତି-



ଧର୍ମର ଭେଦଭାବ ନାହିଁ। ମହାପ୍ରସାଦ ସମସ୍ତଙ୍କ ପାଇଁ ସମାନ, ଯାହା ସମାଜରେ ସମାନତାର ବାର୍ତ୍ତା ଦିଏ। ଆଧ୍ୟାତ୍ମିକତା ଓ ବିଜ୍ଞାନର ମିଳନ: ସେ ଜଣେ ହୃଦରୋଗ ବିଶେଷଜ୍ଞ ହୋଇଥିବାରୁ, ଶରୀରର ହୃଦୟ ଏବଂ ବିଶ୍ୱର ହୃଦୟ (ଜଗନ୍ନାଥ) ମଧ୍ୟରେ ଏକ ସୂକ୍ଷ୍ମ ସମ୍ପର୍କ ଅଛି ବୋଲି ବିଶ୍ୱାସ କରୁଥିଲେ। ଏହି ପ୍ରାଣବନ୍ତ ପ୍ରଣବ ପୁରୁଷ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ସେ ଥିଲେ ଅନନ୍ୟ ଭକ୍ତ, ଏବଂ ସେଇ ପ୍ରଭୁଙ୍କ କୃପାରୁ ତାଙ୍କ ଦ୍ୱାରା ରଚିତ " ବାଇଶିପାହାଚ" ପୁସ୍ତକରେ ମହାପ୍ରଭୁଙ୍କ ସହ ଯେଉଁ ନିଜସ୍ୱ ଅନୁଭୂତି କଥା ସେ ଲେଖିଛନ୍ତି ତାହା ତାହା ଓଡ଼ିଆ ସାହିତ୍ୟରେ ଆଧ୍ୟାତ୍ମିକ ଅନୁଭୂତି ରଚନାର ଶ୍ରେଷ୍ଠ ରଚନା କହିଲେ ଅତ୍ୟୁକ୍ତି ହେବ ନାହିଁ। ସାହିତ୍ୟରେ ଆଧ୍ୟାତ୍ମିକ ଅନୁଭୂତି ଯେ ଏକ ପ୍ରମୁଖ ଦିଗ ହୋଇ ପାରିବ ତାହା ଡାକ୍ତର ମିଶ୍ରଙ୍କ ବାଇଶିପାହାଚ ପ୍ରମାଣିତ କରିଛି ।

ଡଃ କବି ପ୍ରସାଦ ମିଶ୍ର କେବଳ ଜଗନ୍ନାଥ ସଂସ୍କୃତି ନୁହେଁ, ବରଂ ଓଡ଼ିଆ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସ୍ତମ୍ଭ 'ଭଞ୍ଜ ସାହିତ୍ୟ' ବା ରୀତି ସାହିତ୍ୟ ପ୍ରତି ମଧ ଗଭୀର ଅନୁରାଗ ରଖିଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କୃତିକୁ ଜଣେ ଚିକିତ୍ସକ ହୋଇ ମଧ ସେ ଯେଉଁଭଳି ଭାବେ ବିଶ୍ଳେଷଣ କରୁଥିଲେ, ତାହା ଅତ୍ୟନ୍ତ ପ୍ରଶଂସନୀୟ। ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟଗୁଡ଼ିକ (ଯଥା: ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ) ଏହାର ଶବ୍ଦାଳଙ୍କାର ଏବଂ ଜଟିଳ ଶବ୍ଦ ସଂଯୋଜନା ପାଇଁ ପ୍ରସିଦ୍ଧ। ଡଃ ମିଶ୍ର ନିଜର ବାଗ୍ମିତା ଶକ୍ତି ଦ୍ୱାରା ଏହି ଜଟିଳ କାବ୍ୟଗୁଡ଼ିକୁ ସାଧାରଣ ଲୋକଙ୍କ ପାଇଁ ସରଳ ଭାଷାରେ ବୁଝାଉଥିଲେ। ସେ ବିଭିନ୍ନ ସଭା-ସମିତିରେ ଭଞ୍ଜଙ୍କ କବିତାର ଗୂଢ଼ ଅର୍ଥକୁ ସାହିତ୍ୟିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରୁଥିଲେ। ସେ ଚେନ୍ନାଇରେ ରହୁଥିବା ସମୟରେ ମଧ ଓଡ଼ିଆ ସମାଜ ମାଧ୍ୟମରେ 'ଭଞ୍ଜ ଜୟନ୍ତୀ' ପାଳନ କରୁଥିଲେ। ସେଠାରେ ଥିବା ପ୍ରବାସୀ ଓଡ଼ିଆ ଏବଂ ଅଣ-ଓଡ଼ିଆମାନଙ୍କୁ ସେ ଭଞ୍ଜଙ୍କ ସାହିତ୍ୟିକ ପ୍ରତିଭା ବିଷୟରେ ଅବଗତ କରାଉଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଉପେନ୍ଦ୍ର ଭଞ୍ଜଙ୍କ କୃତି ବିଶ୍ୱ ସାହିତ୍ୟର ଯେକୌଣସି ମହାନ୍ କବିଙ୍କ ସହ ସମାନ। ନିଜର ସାହିତ୍ୟ ଜୀବନର ଗୁରୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ କଳିଙ୍ଗ ଭାରତୀର ଆଦର୍ଶରେ ଅନୁପ୍ରାଣିତ ହୋଇ ଦଶମ ଶ୍ରେଣୀରୁ ଜୀବନର ଶେଷ ପର୍ଯ୍ୟନ୍ତ କଳିଙ୍ଗ ଭାରତୀ ଓ ଓଡ଼ିଆ ସାହିତ୍ୟର ସମର୍ଥ ପ୍ରଚାରକ ଭାବେ ସେ ନିଜର ଭିନ୍ନ ପ୍ରତିଷ୍ଠା ସ୍ଥାପନ କରିଥିଲେ ।

ସେ ଜଣେ ଏପରି ବକ୍ତା ଥିଲେ ଯିଏ ଜଟିଳ ତତ୍ତ୍ୱକୁ ଅତି ସରଳ ଶବ୍ଦରେ ବୁଝାଇ ପାରୁଥିଲେ। ଚେନ୍ନାଇରେ ଥିବା ସମୟରେ ସେ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରସାର ପାଇଁ ଅନେକ ସଭା-ସମିତି ଆୟୋଜନ କରୁଥିଲେ। ସେ ସବୁବେଳେ କହୁଥିଲେ, 'ଚିକିତ୍ସା ବିଜ୍ଞାନ ଶରୀରକୁ ବଞ୍ଚାଏ, କିନ୍ତୁ ସଂସ୍କୃତି ଆତ୍ମାକୁ ବଞ୍ଚାଇ ରଖେ।' ଡଃ ମିଶ୍ର ବିଶ୍ୱାସ କରୁଥିଲେ ଯେ ଚିକିତ୍ସା ସେବା ଏକ ବ୍ୟବସାୟ ନୁହେଁ, ବରଂ ମାନବ ସେବା। କୁହାଯାଏ ଯେ ସେ କୌଣସି ଅପରେସନ କରିବା ପୂର୍ବରୁ ପ୍ରଭୁ ଜଗନ୍ନାଥଙ୍କୁ ପ୍ରଣାମ କରୁଥିଲେ। ତାଙ୍କ ମତରେ, ଡାକ୍ତର କେବଳ ଚିକିତ୍ସା କରନ୍ତି, କିନ୍ତୁ ପ୍ରକୃତରେ ଭଗବାନ ହିଁ ଆରୋଗ୍ୟ କରନ୍ତି ।

୨୦୧୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହାନ ବ୍ୟକ୍ତିତ୍ୱଙ୍କର ପରଲୋକ ହୋଇଥିଲା। କଟକରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମୟରେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟର ହୃଦୟ ସଜାଡୁଥିବା ମଣିଷଟି ନିଜେ ହୃଦଘାତର ଶିକାର ହୋଇ ସଂସାରରୁ ବିଦାୟ ନେଇଥିଲେ। ତାଙ୍କରି ଅବର୍ତ୍ତମାନର ଏତେ ବର୍ଷ ପରେ ବି ତାଙ୍କ ଭଳି ଜଣେ ସାହିତ୍ୟାନୁରାଗୀ ଡାକ୍ତର ଆଜିର ତିଥିରେ ଦେଖିବା ବିରଳ ଯିଏ ବୃତ୍ତି ଓ ପ୍ରବୃତ୍ତି ଉଭୟକୁ ସମାନ ସମୟ ଦେଇ ଉଭୟ କ୍ଷେତ୍ରରେ ଯଶ ଲାଭ କରି ମା, ମାଟି ଓ ମାତୃଭାଷାକୁ ଗର୍ବିତ କରିଛନ୍ତି। ଜାତି ତରଫରୁ ଆଜି ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛି ।

# ଫଗୁଣରେ ସାହିତ୍ୟର ସ୍ୱର



ସୁବ୍ରତ କୁମାର ଦାସ
(ରାଜେନ୍ଦ୍ରପୁର, ବାରିକପୁର
ବଜାର, ଭଦ୍ରକ)
ମୋ:୯୪୩୭୭୩୧୯୦୩

ଫଗୁଣ ଆସିଲେ ପ୍ରକୃତିରେ ଯେପରି ରଙ୍ଗର ଉତ୍ସବ ଲାଗେ, ସେହିପରି ସାହିତ୍ୟର ହୃଦୟରେ ମଧ ଜାଗ୍ରତ ହୁଏ ଏକ ଅମୃତ ସ୍ୱର। ବସନ୍ତ କେବଳ ଏକ ଋତୁ ନୁହେଁ; ଏହା ମନର ଅଭିବ୍ୟକ୍ତି, ଆବେଗର ଆଲୋକ, ଓ କବିତାର ନବ ସ୍ୱରଲିପି। ଶିମିଳି,ପଳାଶର ଯେପରି ଲାଲ ଟହଟହ ରଙ୍ଗ ଧରିତ୍ରୀକୁ ରଙ୍ଗାଏ, ସେହିପରି ଫଗୁଣର ସ୍ପନ୍ଦନ ସାହିତ୍ୟକୁ ଦିଏ ଏକ ନୂତନ ଛନ୍ଦ।

ବସନ୍ତ ଆସିଲେ କବି ମନରେ ପ୍ରଥମ ପ୍ରେରଣା ସାହିତ୍ୟ ଓ ପ୍ରକୃତି ଏକା ପରି ଅନ୍ୟର ପ୍ରତିବିମ୍ବ ନେଇ ବସା ବାନ୍ଧେ। ବସନ୍ତ ଆସିଲେ ନିର୍ଜୀବ ଡାଳରେ ନୂଆ ସବୁଜ ପତ୍ର ଫୁଟି ଉଠେ।ଏହି ସବୁଜିମା ନବ ଜୀବନର ରୂପକ କବିମାନଙ୍କୁ ସଦା ଆକର୍ଷିତ କରିଛି। ପ୍ରାଚୀନ ସଂସ୍କୃତ ସାହିତ୍ୟରେ କାଳିଦାସ ତାଙ୍କ 'ଋତୁସଂହାର'ରେ ବସନ୍ତକୁ ପ୍ରେମ ଓ ଯୌବନର ରାଜା ଭାବେ ଚିତ୍ରିତ କରିଥିଲେ। ସେଠାରେ ପ୍ରକୃତି ଓ ମନୁଷ୍ୟ ମନର ଏକ ଅଦ୍ୱିତୀୟ ସମନ୍ୱୟ ଦେଖାଯାଏ।

ଓଡ଼ିଆ ସାହିତ୍ୟରେ ମଧ ବସନ୍ତ ହେଉଛି ଚିରନୈତିକ ଅନୁପ୍ରେରଣା। ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ଫଗୁଣ ହୁଏ ଅଳଙ୍କାରିତ ରୂପମାଳା । ଶବ୍ଦ ଓ ଛନ୍ଦରେ ସେ ବସନ୍ତର ସୌନ୍ଦର୍ଯ୍ୟକୁ ଚିତ୍ରକରଙ୍କ ତୁଳିରେ ଆଙ୍କିଛନ୍ତି। ରାଧାନାଥ ରାୟ ପ୍ରକୃତିର ରୂପକୁ ମାନବୀୟ ଭାବନା ସହ ମିଶାଇ ଏକ ଉଚ୍ଚ ସାହିତ୍ୟିକ ମାନ ଦେଇଥିଲେ। ତାଙ୍କ ରଚନାରେ ବସନ୍ତ ହେଉଛି ଆଶା ଓ ଆନନ୍ଦର ପ୍ରତୀକ।

ଫଗୁଣର ସ୍ୱରରେ ସବୁଠାରୁ ଅଧିକ ଝଙ୍କାର ମିଳେ ପ୍ରେମରେ। ପଳାଶର ରଙ୍ଗ ଯେପରି ଅଗ୍ନି, ସେହିପରି ଯୁବ ହୃଦୟର ଆବେଗ ଫଗୁଣରେ ତୀବ୍ର ହୋଇଉଠେ। ଗଙ୍ଗାଧର ମେହେରଙ୍କ କବିତାରେ ବସନ୍ତ ଆସେ ଜୀବନର ନବ ସୃଷ୍ଟିର ସୂଚନା ଭାବେ। ପ୍ରକୃତିର ରୂପକୁ ଆଧାର କରି ସେ ମନୁଷ୍ୟ ମନର ସ୍ପନ୍ଦନକୁ ଉଜାଗର କରିଛନ୍ତି।

ଭାରତୀୟ ସାହିତ୍ୟର ବିଶାଳ ପରିସରରେ ରବୀନ୍ଦ୍ରନାଥ ଠାକୁରଙ୍କ ବସନ୍ତ ଗୀତ ଏକ ଅଲଗା ମାଧୁରୀ ରଖିଥାଏ। ତାଙ୍କ କବିତାରେ ବସନ୍ତ ହେଉଛି ମନୁଷ୍ୟ ଆତ୍ମାର ମୁକ୍ତି ଓ ପ୍ରେମର ଆଲୋକ। ସେଠାରେ ଫଗୁଣର ସ୍ୱର ହେଉଛି ହୃଦୟର ଗୀତ। ଭକ୍ତି ଓ ସାହିତ୍ୟର ସମ୍ମିଳନ ଏହି ଫଗୁଣ ମାସରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ଭକ୍ତିମୟ ସାହିତ୍ୟ ମଧ ରଚିତ ହୋଇଛି। ଶ୍ରୀକୃଷ୍ଣଙ୍କ ରାସଲୀଳା ଓ ଗୋପୀ ମାନଙ୍କ ସହ ରଙ୍ଗର ଖେଳ କବି ମାନଙ୍କୁ ଅନେକ ଗୀତ ଓ ପଦ ରଚନାରେ ପ୍ରେରିତ କରିଛି। ଭକ୍ତି କାବ୍ୟରେ ଫଗୁଣ ହେଉଛି ଦେବତା ଓ ଭକ୍ତଙ୍କ ମଧ୍ୟରେ ଆତ୍ମିକ ସମ୍ପର୍କର ପ୍ରତୀକ।

ରଙ୍ଗ ଲଗାଇବା ଏଠାରେ କେବଳ ଖେଳ ନୁହେଁ; ଏହା ହେଉଛି ଭକ୍ତିର ଭାବ ବିଭୋର ଅଭିବ୍ୟକ୍ତି। ସାହିତ୍ୟରେ ଏହି ଚିତ୍ରଣ ଫଗୁଣକୁ ଆଧ୍ୟାତ୍ମିକ ଉଚ୍ଚତା ଦେଇଛି।

ଆଧୁନିକ ସାହିତ୍ୟରେ ଫଗୁଣର ପୁନର୍ଜନ୍ମ କେବଳ। ଆଧୁନିକ କବି ଓ ଲେଖକମାନେ ଫଗୁଣକୁ ପ୍ରେମ ଓ ପ୍ରକୃତିର ଉତ୍ସବ ଭାବେ ନୁହେଁ, ବରଂ ସାମାଜିକ ସଚେତନତାର ଆଲୋକ ଭାବେ ଦେଖିଛନ୍ତି। ଫଗୁଣ ହେଉଛି ପୁରୁଣା ଅନ୍ଧକାରକୁ ଜଳାଇ ନୂଆ ଆଲୋକର ସୃଷ୍ଟି। ଏହା ମନୁଷ୍ୟତାର ପୁନଃର୍ଜୀବନର ଅନୁପ୍ରେରଣା।

ସମ୍ପର୍କର ରଜ୍ଜୁ ଯେତେବେଳେ ଢିଲା ପଡ଼ିଯାଏ, ଫଗୁଣର ସ୍ୱର ଆମକୁ ମନେ ପକାଏ ଦିଏ। ମନ ମିଶିଲେ ଜୀବନରେ ରଙ୍ଗ ଫେରେ। ସାହିତ୍ୟ ରଏହି ସତ୍ୟକୁ ଶବ୍ଦରେ ଆଙ୍କି ରଖିଛି। ଶବ୍ଦରେ ଅବିରର ଛୁଆଁ, ଫଗୁଣ ସାହିତ୍ୟରେ ଏକ ଅନନ୍ତ ସ୍ୱର। ଏହା କବିମନର ଅନୁରଣନ, ପ୍ରେମର ମାଧୁରୀ, ଭକ୍ତିର ଆବେଗ ଓ ସମାଜର ପୁନଃଜାଗରଣ ସୃଷ୍ଟି କରେ। ପଳାଶର ରଙ୍ଗ ଯେପରି ଦୂରରୁ ଆକର୍ଷିତ କରେ, ସେହି ପରି ସାହିତ୍ୟରେ ଫଗୁଣର ସ୍ୱର ଆମକୁ ମନମୁଗ୍ଧ କରେ।

ଫଗୁଣ ଆସେ, ଯାଏ; କିନ୍ତୁ ସାହିତ୍ୟର ପୃଷ୍ଠାରେ ତାହାର ସ୍ୱର ଚିରନୈତିକ ଭାବେ ଝଙ୍କାରିତ ହୋଇ ରହିଯାଏ। ଯେପରି ଅବିରର ରଙ୍ଗ ଏକ ଛୁଆଁରେ ମନକୁ ରଙ୍ଗାଇଦେଏ, ସେହିପରି ସାହିତ୍ୟରେ ଫଗୁଣର ସ୍ୱର ଆମ ହୃଦୟକୁ ଚିରକାଳ ପାଇଁ ରଙ୍ଗିନ କରିଦିଏ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

# ମୟଙ୍କ ୯୪ତମ ଭାରତୀୟ ଚେସ୍ ଗ୍ରାଣ୍ଡମାଷ୍ଟର୍



**ଗୁଆହାଟୀ**

ଆସାମର ୧୭ବର୍ଷୀୟ ଚେସ୍ ତାରକା ମୟଙ୍କ ଚକ୍ରବର୍ତ୍ତୀ ଦେଶର ୯୪ତମ ଗ୍ରାଣ୍ଡମାଷ୍ଟର୍ ହେବାର ଗୌରବ ଅର୍ଜନ କରିଛନ୍ତି । ଆସାମର ଗୁଆହାଟୀ ବାସିନ୍ଦା ମୟଙ୍କ ୨୦୨୪ ମସିହାରେ ଅନ୍ତର୍ଜାତୀୟ ମାଷ୍ଟର୍ ହୋଇଥିଲେ । ଏହାର ଦୁଇ ବର୍ଷ ପରେ ନିଜ ଜୀବନର ସବୁଠୁ ବଡ଼ ସଫଳତା ହାସଲ କରିଛନ୍ତି ସେ ।

ସ୍ୱିଡେନର ଷ୍ଟକ୍‌ହୋମଠାରେ ଆୟୋଜିତ ଫାଷ୍ଟ ହୋଟେଲ୍ସ ଚେସ୍ ଚ୍ୟାଲେଞ୍ଜ ପ୍ରତିଯୋଗିତାର ଅଷ୍ଟମ ରାଉଣ୍ଡରେ ସ୍ୱିଡେନର ଆଇଏମ୍ ଫିଲିପ ଲିଣ୍ଡଗ୍ରିନଙ୍କୁ ହରାଇ ତୃତୀୟ ତଥା ଶେଷ ଗ୍ରାଣ୍ଡମାଷ୍ଟର୍ ନର୍ମ ହାସଲ କରି ନେଇଥିଲେ । ସେ ମଧ୍ୟ ଏହି ଅବସରରେ ଆବଶ୍ୟକ ୨୫୦୦ ଏଲୋ ରେଟିଂ ପଏଣ୍ଟ ଅତିକ୍ରମ କରିଥିଲେ ।

ଫଳରେ ଫିଡେ ନିୟମ ଅନୁସାରେ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ହାସଲ କରିବାକୁ ହକ୍‌ଦାର ହୋଇଥିଲେ । ମୟଙ୍କ ଏଠାରେ ମୋଟ ୯ ପଏଣ୍ଟରୁ ୭ ପଏଣ୍ଟ ଅର୍ଜନ କରି ପ୍ରତିଯୋଗିତାରେ ବିଜେତା ଆଖ୍ୟା ଅର୍ଜନ କରିଥିଲେ । ଏହା ପୂର୍ବରୁ ସେ ୧୧ବର୍ଷରୁ କମ୍ ବର୍ଗରେ ଭାରତ ଓ ଏସିଆ ମହାଦେଶର ଏକନମ୍ବର ଖେଳାଳି ଥିଲେ । ୨୦୨୧ ମସିହାରୁ ୟୁରୋପ ମହାଦେଶର ବିଭିନ୍ନ ପ୍ରତିଯୋଗିତା ଖେଳିବା ଆରମ୍ଭ କରିଥିଲେ । ସେ ମଧ୍ୟ ଏକଦା ବିଶ୍ୱର ଷଷ୍ଠ ଶ୍ରେଷ୍ଠ ଚେସ୍ ତାରକା ଥିଲେ ।

# ମହିଳା ଫୁଟ୍‌ବଲ୍ ଏସିଆ କପ୍ : ସେମିଫାଇନାଲରେ ପହଞ୍ଚିଲା ଚାଇନା

**ପର୍ଥ**

ତାଇୱାନକୁ ୨-୦ ଗୋଲ୍‌ରେ ପରାସ୍ତ କରି ଗତଥରର ଚାମ୍ପିୟନ ଚାଇନା ମହିଳା ଫୁଟ୍‌ବଲ୍ ଏସିଆ କପ୍ ସେମିଫାଇନାଲରେ ପ୍ରବେଶ କରିବା ସହ ୨୦୨୭ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି । ଦଳ ବର୍ତ୍ତମାନ ଆୟୋଜକ ଅଷ୍ଟ୍ରେଲିଆ ସହ ମୁକାବିଲା କରିବ । ଶନିବାର ଖେଳାଯାଇଥିବା ଏହି ମ୍ୟାଚର ୯୦ମିନିଟ ଖେଳରେ ଗୋଲ୍‌ଶୂନ୍ୟ ରହିଥିଲା । ଅତିରିକ୍ତ ଖେଳର ୩ୟ ମିନିଟରେ ତାଇୱାନର ଶାଓ ଜିକ୍ସିନଙ୍କ ଗୋଲ୍ ବଳରେ ଚାଇନା ପ୍ରଥମେ ୧-୦ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା । ପରେ ତାଇୱାନର ୧୧୮ତମ ମିନିଟ୍‌ରେ ଯିନ୍‌ଘୁଇ ଚେନ୍‌ଙ୍କ ଗୋଲ୍‌ରେ ଚାଇନା ୨-୦ ଗୋଲ୍‌ରେ ବିଜୟ ଲାଭ କରିଥିଲା ।



ଶୁକ୍ରବାର ଉତ୍ତର କୋରିଆ ବିପକ୍ଷରେ ୨-୧ ଗୋଲ୍‌ରେ ବିଜୟ ହାସଲ କରି ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିବା ସହ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିପାରିଛି । ସିଡ୍‌ନୀରେ ଅନ୍ୟ ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ଦକ୍ଷିଣ କୋରିଆ ୬-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରି ଅନ୍ୟତମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି ।

ରବିବାର ଜାପାନ ପ୍ରତିଯୋଗିତାର ଶେଷ କ୍ୱାର୍ଟରଫାଇନାଲରେ ଫିଲିପାଇନ୍ସକୁ ଭେଟିବ । ଜାପାନ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୩ଟି ମ୍ୟାଚରେ ବିଜୟ ହାସଲ କରିଛି । ସେମିଫାଇନାଲ ମ୍ୟାଚ୍‌ଗୁଡ଼ିକ ମଙ୍ଗଳବାର ଓ ବୁଧବାର ଖେଳାଯିବ । ଫାଇନାଲ ଶନିବାର ସିଡ୍‌ନୀଠାରେ ଅନୁଷ୍ଠିତ ହେବ ।

# ରୋଜର ବିନ୍ନି, ମିତାଲି ରାଜ୍‌ଙ୍କୁ 'ନମନ' ସମାରୋହରେ ଜୀବନବ୍ୟାପୀ ସାଧନା ପୁରସ୍କାର

**ନୂଆଦିଲ୍ଲୀ**

ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବିସିସିଆଇ ପୁରସ୍କାର ସମାରୋହ 'ନମନ'ରେ କେବଳ ରାହୁଲ ଦ୍ରାବିଡ଼ ନୁହନ୍ତି, ଆଉ ଦୁଇଜଣ କ୍ରିକେଟରଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯିବ । ସେମାନେ ହେଉଛନ୍ତି ୧୯୮୩ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ତଥା ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ରୋଜର ବିନ୍ନି ଓ ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମିତାଲି ରାଜ୍ । ବିନ୍ନି ଭାରତ ପାଇଁ ୨୭ଟି ଟେଷ୍ଟ ଓ ୭୨ଟି ଦିନିକିଆ ଖେଳିଥିଲେ । ସେ ମଧ୍ୟ ୧୯୮୩ ବିଶ୍ୱକପରେ ସର୍ବାଧିକ ୧୮ଟି ୱିକେଟ୍ ନେଇଥିଲେ । ପରେ ସେ ଭାରତୀୟ ୧୯ ବର୍ଷରୁ କମ ଦଳର ପ୍ରଶିକ୍ଷକ, ଚୟନକର୍ତ୍ତା ଓ



ବିସିସିଆଇ ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ । ମିତାଲି ରାଜ୍‌ଙ୍କୁ ଭାରତୀୟ ମହିଳା କ୍ରିକେଟର ଅନ୍ୟତମ ସଫଳ ଖେଳାଳିଭାବେ ଗଣାଯାଏ । ସେ ଭାରତ ପାଇଁ ୧୨ଟି ଟେଷ୍ଟ, ୨୩୨ ଦିନିକିଆ ଓ ୮୯ଟି ଟ୍ୱେଣ୍ଟି-୨୦ ଖେଳିଛନ୍ତି ଓ ୧୦ ହଜାର ରନ୍ କରିବାରେ ସେ ବିଶ୍ୱର ପ୍ରଥମ ମହିଳା କ୍ରିକେଟ ଖେଳାଳି ।

# ଦ୍ରାବିଡ଼ଙ୍କ ସହ ଅବିସ୍ମରଣୀୟ ଭାଗୀଦାରକୁ ମନେ ପକାଇଲେ ଲକ୍ଷ୍ମଣ

**ବେଙ୍ଗାଲୁରୁ**

ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଫଲୋଅନ୍ ପରେ ବି ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ଭାରତ ହରାଇବାର ଐତିହାସିକ ସଫଳତାକୁ ୨୫ବର୍ଷ ପୂରିଛି । ଏହି ଅସାଧାରଣ ବିଜୟରେ ଭାରତୀୟ କ୍ରିକେଟର ଦୁଇ କିମ୍ବଦନ୍ତି ତଥା ସମ୍ମାନସ୍ପଦ ତାରକା ଭିଭିଏସ୍ ଲକ୍ଷ୍ମଣ ଓ ରାହୁଲ ଦ୍ରାବିଡ଼ଙ୍କ ସାହସୀ ଓ ଆତ୍ମବିଶ୍ୱାସରେ ଭରପୂର ଭାଗୀଦାର ପ୍ରମୁଖ ଭୂମିକା ତୁଲାଇଥିଲା । ଉଭୟ ୩୭୬ ରନ୍ ଯୋଡ଼ିବା ପରେ କୋଲକାତାରେ ଭାରତ କ୍ରିକେଟ୍ ଇତିହାସର ଅନ୍ୟତମ ସଫଳ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆକୁ ହରାଇବାର ଅନନ୍ୟ ତଥା ନାଟକୀୟ ସଫଳତା ଲାଭ କରିଥିଲା । ୨୫ବର୍ଷ ତଳର ସେହି ଅସାଧ ବିଜୟକୁ ମନେ ପକାଇ ଲକ୍ଷ୍ମଣ ତାଙ୍କ 'ଏକ୍ସ' ପୃଷ୍ଠାରେ ଦ୍ରାବିଡ଼ଙ୍କ ସହ ସେତେବେଳେ ଉଠାଇଥିବା ଫଟୋ ପ୍ରକାଶ କରିଛନ୍ତି । ସେହିଭଳି ୨୦୦୧ ମସିହାରେ ଭାରତ ହାସଲ କରିଥିବା ସେହି ଅସମ୍ଭବ ବିଜୟର ଉଲ୍ଲାସ ଓ ଆନନ୍ଦକୁ ମନେ ପକାଇଛନ୍ତି ।

ଆବେଗଭରା ଲେଖାରେ ଲେଖିଛନ୍ତି ଯେ ୨୫ ବର୍ଷ ପୂର୍ବେ ଇଡେନ୍ ଗାର୍ଡେନ୍ସରେ ରାହୁଲ ଓ ମୁଁ ଏକ ସହଭାଗୀତା କରିଥିଲୁ, ଯାହା



ସର୍ବଦା ସ୍ୱତନ୍ତ୍ର ହୋଇ ରହିବ । ଯେତେବେଳେ ବିଜୟ ଆମ ହାତଠାରୁ ଅପହଞ୍ଚ ମନେ ହେଉଥିଲା, ସେହି ମୁହୂର୍ତ୍ତରେ ଆମେ ବିଶ୍ୱାସ, ଧୈର୍ଯ୍ୟ ଓ ସ୍ଥିରତାକୁ ବାଛିଥିଲୁ । ସେହି ଭାଗୀଦାର କେବଳ ରନ୍ ବିଷୟରେ ନୁହେଁ ବରଂ ବିଶ୍ୱାସ, ଦଳଗତ ଉଦ୍ୟମ ଏବଂ ପ୍ରତ୍ୟେକ ଅଧିବେଶନରେ ଜୋରଦାର ଲଢ଼େଇ ବିଷୟରେ ଥିଲା । ରାହୁଲଙ୍କ ସହିତ ସେହି ଯାତ୍ରାକୁ ସେୟାର କରି ବହୁତ ଗର୍ବ ଅନୁଭବ କରୁଛି । କ୍ରିକେଟ୍ ଇତିହାସର ସବୁଠାରୁ ସଫଳ ପ୍ରତ୍ୟାବର୍ତ୍ତନଭରା ସେହି ଟେଷ୍ଟ୍ ମୋତେ ସବୁବେଳେ ମନେ ପକାଇଦିଏ ଯେ, କ୍ରିକେଟର ସବୁକିଛି ସମ୍ଭବ ।

ସୂଚନାଯୋଗ୍ୟ ଯେ ୨୦୦୧ ମସିହାର ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ୍ ମ୍ୟାଚର ଚତୁର୍ଥ ଦିବସ ସଦାସର୍ବଦା ଭାରତୀୟ କ୍ରିକେଟର ଅଭୁଲା ଦିନ ହୋଇ ରହିବ । ଏହି ଦିନ ଦ୍ରାବିଡ଼ ଓ ଲକ୍ଷ୍ମଣ ଏମିତି ଏକ ଭାଗୀଦର ଗଢ଼ି ଭାରତକୁ ବିଜୟୀ କରାଇଥିଲେ, ଯାହାକୁ ଆଗରୁ କେହି ଦେଖିଥିଲେ ନା ଶୁଣିଥିଲେ । ଅଷ୍ଟ୍ରେଲିଆ ଲଗାତାର ୧୬ ଟେଷ୍ଟ୍ ଜିତିବାର ଆଧିପତ୍ୟଭରା ଧାରାକୁ ନେଇ ଭାରତ ଆସିଥିଲା । ଭାରତ ବିଜୟ ତାଙ୍କ ପାଇଁ ଶେଷ ଦୁର୍ଗ ଦଖଲ ସଦୃଶ ହେବ ବୋଲି ମଧ୍ୟ କଙ୍ଗାରୁ ଅଧିନାୟକ ଷ୍ଟିଭ୍ ୱ' ଗର୍ବର ସହ କହିଥିଲେ । ମୁମ୍ବାଇରେ ଖେଳିଥିବା ପ୍ରଥମ ଟେଷ୍ଟକୁ ୧୦ ୱିକେଟ୍‌ରେ ଜିତି ଅଷ୍ଟ୍ରେଲିଆ ବି ଚମତ୍କାର ଢଙ୍ଗରେ ତା'ର ତିନି ମ୍ୟାଚ୍ ବିଶିଷ୍ଟ ଅଭିଯାନ ଆରମ୍ଭ କରିଥିଲା । କୋଲକାତା ଟେଷ୍ଟରେ ମଧ୍ୟ ଦମଦାର୍ ଆରମ୍ଭ କରିଥିଲା ୱ'ଙ୍କ ଉତ୍ସାହୀ ଦଳ । ପ୍ରଥମ ପାଳିରେ ୪୪୫ ରନ୍ କରି ଘରୋଇ ଭାରତ ଉପରେ ଅସହ୍ୟ ଚାପ ବି ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା । ଭାରତ ସେହି ଚାପରେ ଚାପି ହୋଇ ନିଜ ପ୍ରଥମ ପାଳିରେ ମାତ୍ର ୧୭୧ ରନ୍ କରିଥିଲା ।

ଫଲୋଅନ୍ ହେବା ପରେ ୨୩୨ ରନ୍‌ରେ ୪ ୱିକେଟ୍ ହରାଇ ସଂଘର୍ଷ କରୁଥିଲା । ଏତିକି ବେଳେ ଲକ୍ଷ୍ମଣ ଓ ଦ୍ରାବିଡ଼ ବିସ୍ମୟକର ବ୍ୟାଟିଂ କରି ଭ୍ରମଣକାରୀ ଅଷ୍ଟ୍ରେଲିଆର ହୋସ୍ ଉଡ଼ାଇ ଦେଇଥିଲେ । ଲକ୍ଷ୍ମଣ କ୍ୟାରିୟର୍ ଶ୍ରେଷ୍ଠ ୨୮୧ ଏବଂ ଦ୍ରାବିଡ଼ ୧୮୦ ରନ୍‌ର ପାଳି ଖେଳିଥିଲେ । ଚତୁର୍ଥ ଦିନ ସାରା ଉଭୟ ବ୍ୟାଟିଂ କରିଥିଲେ । ୩୭୬ ରନ୍‌ର ଭାଗୀଦରିରୁ କେବଳ ଏହି ଦିବସରେ ୩୩୫ ରନ୍ ଅମଳ କରିଥିଲେ । ଭାରତ ପଞ୍ଚମ ଦିନରେ ୬୫୭/୭ରେ ପାଳି ଘୋଷଣା କରିଥିଲା ଏବଂ ଅଷ୍ଟ୍ରେଲିଆ ସମ୍ମୁଖରେ ୩୮୩ ରନର ଅତ୍ୟନ୍ତ କଷ୍ଟକର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଅଷ୍ଟ୍ରେଲିଆ କିନ୍ତୁ ହରଭଜନ ସିଂହଙ୍କ ସ୍ପିନ୍ ଜାଲରେ ଫଶି ଶେଷରେ ମାତ୍ର ୨୧୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଭାରତ ଶେଷରେ ୧୭୨ ରନର ଅଭୁଲା ବିଜୟ ହାସଲ କରିଥିଲା । ଭାରତର ଏହି ସଫଳତା କ୍ରିକେଟ୍ ଇତିହାସର ଅନ୍ୟତମ ବିରଳ ବିଜୟ ଥିଲା । ଏହିଠାରୁ ମଧ୍ୟ ଭାରତୀୟ ଟେଷ୍ଟ୍ କ୍ରିକେଟରେ ନୂଆ ମୋଡ଼ ଆସିଥିଲା ।

# ବ୍ଲେସିଂ ମୁଜରବାନି କେକେଆର୍ ଯୋଗଦେବାକୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ କ୍ଷୁବ୍ଧ

**ଲାହୋର**

ଜିମ୍ବାୱେ ଦ୍ରୁତବୋଲର୍ ବ୍ଲେସିଂ ମୁଜରବାନିଙ୍କୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ପକ୍ଷରୁ ସାମିଲ କରାଯିବାକୁ ନେଇ ଭୀଷଣ କ୍ଷୁବ୍ଧ ହୋଇଛି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) । ପାକିସ୍ତାନ ସୁପର ଲିଗ୍ (ପିଏସଏଲ୍) ଆରମ୍ଭ ହେବାର ଅଳ୍ପ କିଛିଦିନ ପୂର୍ବରୁ ନିଜର ନାମ ପ୍ରତ୍ୟାହାର କରିଥିବାରୁ ପିସିବି ଆଇନଗତ କାର୍ଯ୍ୟାନୁଷ୍ଠାନ ଧମକ ଦେଇଛି । ଇସ୍ଲାମାବାଦ ୟୁନାଇଟେଡ୍ ପକ୍ଷରୁ ତାଙ୍କୁ ୧୧ ନିୟୁତ ପାକିସ୍ତାନୀ ରୁପିଆ (୩୬ ଲକ୍ଷ ଭାରତୀୟ ଟଙ୍କା) ବିନିମୟରେ କିଣାଯାଇଥିଲା । ୨୬ ତାରିଖରୁ ଏହି ଲିଗ୍ ଆରମ୍ଭ ହେବାକୁ ଯାଉଥିବାବେଳେ ଆଉ କିଛି ଦିନ ମଧ୍ୟରେ ସେ ପାକିସ୍ତାନରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଥାନ୍ତେ । କିନ୍ତୁ ସେ ପିସିବିରୁ ନିଜର ନାମ ପ୍ରତ୍ୟାହାର କରିନେଇଛନ୍ତି ଓ ଆସନ୍ତା ୧୭ ତାରିଖରେ ଭାରତ ଆସି କେକେଆର୍ ଦଳ ସହିତ ଯୋଗ ଦେବେ । କେକେଆର୍ କେତେ ଟଙ୍କା ବିନିମୟରେ ତାଙ୍କୁ କିଣିଛି ତାହା ଜଣାପଡ଼ିନାହିଁ ।

ପିସିବି ଛାଡ଼ି ଆଇପିଏଲରେ ଯୋଗଦେବାର ଏହା ପ୍ରଥମ ଘଟଣା ନୁହେଁ । ଗତ ବର୍ଷ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର୍ କର୍ବିନ୍ ବୋସ୍‌ଙ୍କୁ ପେଶାୱର ଜାଲମୀ ପକ୍ଷରୁ ଚୟନ କରାଯାଇଥିଲା କିନ୍ତୁ ସେ ଶେଷ ମୁହୂର୍ତ୍ତରେ ପିଏସଏଲ୍ ଛାଡ଼ି ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଥିଲେ ।

# କେକେଆରର ନୂଆ ଜର୍ସି ଉନ୍ମୋଚିତ




**କୋଲକାତା**

ଚଳିତ ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହେଉଥିବା ଆଇପିଏଲ୍-୧୯ ପୂର୍ବରୁ ଏହି ଚର୍ଚ୍ଚିତ ତଥା ଲୋକପ୍ରିୟ ଟ୍ୱେଣ୍ଟି-୨୦ ଲିଗ୍‌ର ପୂର୍ବ ବିଜେତା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ତା'ର ନୂଆ ଜର୍ସିକୁ ଶନିବାର ଉନ୍ମୋଚିତ କରିଛି । ନିଆରା ଡିଜାଇନର ସମ୍ଭାର ଥିବା ଏହି ଜର୍ସିର ଥିମ୍ ରହିଛି 'ପରମ୍ପରାର ରେଖା' ।

ତଦନୁଯାୟୀ ଜର୍ସିରେ କେକେଆରର ଅନେକ ଅବିସ୍ମରଣୀୟ ମୁହୂର୍ତ୍ତର ଛାପ ରହିଛି । ବ୍ରେଣ୍ଡନ୍ ମ୍ୟାକଲମ୍‌ଙ୍କ ଐତିହାସିକ ୧୫୮ଅପରାଜିତ ରନର ପାଳିଠାରୁ ରିଙ୍କୁ ସିଂହଙ୍କ ଲଗାତାର ୫ଛକା ପର୍ଯ୍ୟନ୍ତ, ଏସବୁରୁ ପ୍ରେରଣା ନେଇ ହିଁ ଜର୍ସିର ରଙ୍ଗ ଓ ଆକାର ଚୟନ କରାଯାଇଥିବା ଦଳର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭେଙ୍କି ମହିଶୁର କହିଛନ୍ତି ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : କିସାନ ବ୍ରଦର୍ସ ଚାମ୍ପିୟନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ହଜାର ହଜାର ଦର୍ଶକଙ୍କ ଗହଣରେ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବାରିପଦାର କିସାନ ବ୍ରଦର୍ସ ଟାଇ ବ୍ରେକର ଜରିଆରେ ୬-୫ ଗୋଲରେ ମୟୁରଭଞ୍ଜର ସାମଡ଼ିହି ଏଫ ସି ଦଳକୁ ପରାସ୍ତ କରି ଚମ୍ପିୟାନ ହୋଇଛି । ଜାତୀୟ ରେଫେରୀ ସନ୍ତୋଷ କୁମାର ରାଉତ, ଦିଲ୍ଲୀପ କୁମାର ପ୍ରଧାନ, ଦୀପକ ଖୁଣ୍ଟିଆ ଓ ରାଜୀବ କୁମାର ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ ଓ ମନୋଜ ପାତ୍ର, ଶୁଭଦ୍ରା ହେମ୍ବ୍ରମ ଓ ରଜତ ତିରିଆ ଧାରା ବିବରଣୀ ପ୍ରଦାନ କରିଥିଲେ ଓ ଚମ୍ପିୟାନ ଦଳକୁ ଦେଢ଼ ଲକ୍ଷ ଟଙ୍କା । ଟ୍ରଫି ଏବଂ ରନର୍ସ ଅପ ଦଳକୁ ଏକ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ




କରାଯାଇଥିଲା । ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଝାଡ଼ଖଣ୍ଡର ବ୍ଲାକ ପେନ୍ଥାର ଓ ବିହାରର ଲିଭାରପୁଲ ଦଳକୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । କମିଟିର ଯୁଗ୍ମ ସମ୍ପାଦକ ବିନୋଦ ସିଂ ବାବୁଙ୍କ ତରଫରୁ ଶ୍ରେଷ୍ଠ ଖେଳାଳି ଭାବେ ଛୁଟୁ ମୁର୍ମୁ, ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ସଞ୍ଜୟ ହେମ୍ବ୍ରମ, ଶ୍ରେଷ୍ଠ ଡିଫେନ୍ସ ଭାବେ ଗୁମାନ ସିଂହ ଓ ଶ୍ରେଷ୍ଠ ଶୃଙ୍ଖଳିତ ଖେଳାଳି ଭାବେ ସୁକୁଲ ମୁର୍ମୁଙ୍କୁ ବାଇ ସାଇକେଲ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣନନ୍ଦ ମହାନ୍ତି ପୁରସ୍କାର ବିତରଣ କରିବା ସହ ଏହି ଟୁର୍ଣ୍ଣାମେଣ୍ଟ ପୁଣିଥରେ ମୟୁରଭଞ୍ଜ ଫୁଟବଲର ଗୌରବକୁ ଫେରାଇ ଆଣିବ ବୋଲି ଆଶା ପୋଷଣ କରିଥିଲେ । ସମ୍ମାନିତ ଅତିଥି ଭାବେ ମୁଖ୍ୟ ପୃଷ୍ଠପୋଷକ ପ୍ରୀତିଶ ବସା ଓ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ କୁମାର ସାହୁ ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଶିଳ୍ପପତି ଅଶୋକ ତ୍ରିପାଠୀ, ବିଶିଷ୍ଟ ଫୁଟବଲ ଖେଳାଳି ପରେଶ ଦାସଙ୍କ ସମେତ ଆୟୋଜନ କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠି, ଲଲାଟେନ୍ଦୁ ବେହେରା, ବିଜୟ ଦାସ, କଲ୍ୟାଣ ସିହ୍ନା, ବିଶ୍ୱଜିତ ନାୟକ, କୈଳାଶ ବେହେରା, କୁମାର ରଞ୍ଜନ ପଣ୍ଡା, ଦିଲ୍ଲୀପ ମିସ୍ତ୍ରୀ, ପ୍ରଦୀପ ମିସ୍ତ୍ରୀ, ବିଜୟ ଦାସ, କବି ବିଷ୍ଣୁ ଶତପଥି, ସନ୍ତୋଷ କୁମାର ବରାଳ, ଅବନୀ ମହାନ୍ତି, ରାଜୀବ ଜେନା, ଭରତ ନାୟକ, ଅଶୋକ କୁମାର ବେହେରା, ଶ୍ରବଣ ମିସ୍ତ୍ରୀ, ମହାଦେବ ପାତ୍ର, ହରପ୍ରସାଦ ପାତ୍ର, କପିଳ ଖଣ୍ଡେଲୱାଲ, ତରୁଣ ପାଲବାବୁ, ଜୟନ୍ତ ନାୟକ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଶିଷ୍ଟ ଫୁଟବଲ ଖେଳାଳି ସେଙ୍ଗେଲ ସିଂ ସୋରେନ, ଅମୁଲ୍ୟ ମିଶ୍ର, ଯଦୁନାଥ ମାଝୀ, ଜୟକୃଷ୍ଣ ପାତ୍ର, ନୌସାଦ ଅଲ୍ଲୀ, ଭୁବନ ସାହୁ ଓ ବିଭୁତି ମହାନ୍ତିଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଚ୍ ରାସ୍ତାରେ ଖଣ୍ଡା ବୁଲାଇ ଭୟଭୀତ କରୁଥିଲା ଦୁର୍ବୃତ୍ତ କାବୁ କଲା ସୋନପୁର ପୋଲିସ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ସହରରେ ବୁଲିଲା ଖଣ୍ଡା । ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଲା ପୋଲିସ୍ । ଲୋକେ କହିଲେ ସାବାସ ପୋଲିସ୍ । ବୁଧବାର ରାତି ପ୍ରାୟ ୯.୪୫ରେ ସୋନପୁର ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ସାମ୍ନା ତଥା ଠିପି ବନ୍ଦ ମଦ ଦୋକାନ ପାଖରେ ବିଚ୍ ରାସ୍ତାରେ ଜଣେ ନିଶାଖୋର ଯୁବକ ଏକ ବଡ଼ ଖଣ୍ଡା ଧରି ବିଭିନ୍ନ ଢଙ୍ଗରେ ବୁଲାଇବା ସହିତ ତଳେ କଚାଡୁ ଥିଲା ଓ ଲୋକଙ୍କୁ ଭୟଭୀତ କରୁଥିଲା । କିନ୍ତୁ ସୌଭାଗ୍ୟ ବଶତଃ ସୋନପୁର ପୋଲିସ ର ପିସିଆର ଭ୍ୟାନ ସେହି ରାସ୍ତା ଦେଇ ଆସୁଥିବା ବେଳେ ଯୁବକର ଗତିବିଧି ଦେଖି ତା ପାଖକୁ ଯିବା ବେଳେ ଯୁବକ ଜଣକ ନିକଟସ୍ଥ ନାଳରେ ଖଣ୍ଡାଟିକୁ ଫୋପାଡି ଦେଇଥିଲା । ପରେ ପୋଲିସ୍ ନାଳରୁ ବିରାଟ ଖଣ୍ଡାକୁ ଉଦ୍ଧାର କରିବା ସହ ଜବତ କରିଥିଲା । ପରେ ଯୁବକକୁ ସୋନପୁର ଥାନା ଅଧିକାରୀ ଶ୍ରୀ ଯାଦବ ବାଗ ଅଧିକ ପଚରାଉଚରା କରିଥିବା ବେଳେ ଯୁବକଟି ନିଶା ସେବନ ସହ ମାନସିକ ବିକାର ଗ୍ରସ୍ତ ଥିବା ଜଣାପଡିଥିଲା । ପରେ ଯୁବକକୁ ପୁରୁଣା ହସ୍ପିଟାଲ ଠାରେ ଅବସ୍ଥିତ ମାନସିକ ରୋଗୀଙ୍କ ଚିକିତ୍ସା ଓ ଆଶ୍ରୟ ସ୍ଥଳ (ମାମି) ରେ ଛାଡ଼ି ଦେଇଥିବା ସୂଚନା ଦେଇଛନ୍ତି ଆଇଆଇସି ଶ୍ରୀ ବାଗ । ସେପଟେ ସକାଳୁ ବୁଢ଼ାରଜା ମନ୍ଦିର କମିଟିର ଯୁବକମାନେ ଥାନାରେ ପହଞ୍ଚି ମନ୍ଦିରର ଖଣ୍ଡା ଚୋରି ହୋଇଥିବା ଅଭିଯୋଗ କରିଥିବା ବେଳେ ସମ୍ପୃକ୍ତ ଯୁବକଙ୍କ ପାଖରୁ ଜବତ ହୋଇଥିବା ପିତଳ ନିର୍ମିତ ଖଣ୍ଡାକୁ ଚିହ୍ନଟ କରି ଥାନାରୁ ନେଇଥିଲେ ।

# ଅଡୁଆରେ ଚେନ୍ନାଇ ସୁପରକିଙ୍ଗସ୍

**ଚେନ୍ନାଇ**

ଚେନ୍ନାଇ ସୁପରକିଙ୍ଗସ୍ (ସିଏସକେ) ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦ୍ୱିତା ଆଉ ଆଇପିଏଲ୍ ମଧ୍ୟରେ ସୀମିତ ରହିନାହିଁ । ଏବେ ତାହା କ୍ରିକେଟ୍ ପଡ଼ିଆରୁ ବାହାରି କୋର୍ଟରେ ପହଞ୍ଚିଛି । ସ୍ୱତ୍ୱାଧିକାର ଉଲ୍ଲଙ୍ଘନ କରୁଥିବା ଅଭିଯୋଗରେ ସିଏସକେ ବିରୋଧରେ ମାମଲା ଦାଏର କରିଛି ସନରାଇଜର୍ସ ହାଇଦ୍ରାବାଦର ମାଲିକାନା ରଖୁଥିବା କମ୍ପାନି ସନ ଟିଭି ନେଟୱର୍କ । ସିଏସଏକେ ନିଜ ପ୍ରଚାର ଭିଡିଓରେ ରଜନୀକାନ୍ତ ଅଭିନୀତ ଚଳଚ୍ଚିତ୍ର ଜେଲର-୧, କୁଲି ଓ ଜେଲର-୨ର ସଂଳାପ, ଗୀତ ଓ ପ୍ରଚ୍ଛଦପଟ୍ଟ ସଂଗୀତ ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ସନ ଟିଭି ଏହି ଚଳଚ୍ଚିତ୍ରର




ନିର୍ମାତା ହୋଇଥିବାରୁ ମାଡ୍ରାସ ହାଇକୋର୍ଟରେ ଏକ ସ୍ୱତ୍ୱାଧିକାର ଉଲ୍ଲଙ୍ଘନ ମାମଲା ରୁଜୁ କରିଛି । ସିଏସକେର ସୋସିଆଲ ମିଡିଆ ଆକାଉଣ୍ଟରେ ଏହି ପ୍ରଚାର ଭିଡିଓର ବ୍ୟବହାର କରାଯାଇଥିଲା । ସନ ଟିଭି ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଓକିଲ ଜେ. ରବିନ୍ଦ୍ରନ୍ କହିଛନ୍ତି ଯେ ସ୍ୱତ୍ୱାଧିକାରୀଙ୍କ ବିନା ଅନୁମତିରେ ରଜନୀକାନ୍ତଙ୍କ ସଂଳାପ, ଗୀତ ଓ ପ୍ରଚ୍ଛଦପଟ୍ଟ ସଂଗୀତ ବ୍ୟବହାର ବ୍ୟବସାୟିକ ଉଦ୍ଦେଶ୍ୟରେ କରାଯାଇଛି । ଏଥି ପାଇଁ କମ୍ପାନି ପକ୍ଷରୁ ୧ କୋଟି ଟଙ୍କା କ୍ଷତିପୂରଣ ଦାବି କରାଯାଇଛି । ତେବେ ଏ ନେଇ ଅଭିଯୋଗ ମିଳିବା ପରେ ସଂପୃକ୍ତ ସଂଳାପ, ସଂଗୀତର ବ୍ୟବହାର ବନ୍ଦ କରିଦିଆଯାଇଛି ବୋଲି ସିଏସକେ ଓକିଲ ପିଏସ ରମଣ କହିଛନ୍ତି ।

# ଗାଡ଼ି ଚାଳକ ମାନଙ୍କ ପାଇଁ ସୁଯୋଗ ଆଣିଛି ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜେଏମଏଫସି ଅଦାଲତ ଆଗରେ ଦେଖିବାକୁ ମିଳିଛି ଲମ୍ବା ଲାଇନ୍ । ଧାଡିରେ ଥିବା ବ୍ୟକ୍ତି ମାନେ ଜରିମାନା ଭରିବା ଲାଗି ପ୍ରସ୍ତୁତ ହୋଇ ଆସିଥିଲେ । ଧାଡ଼ିରେ ଥିବା ଜଣେ ଗାଡି ମାଲିକ ତଥା ଚାଳକଙ୍କ କମର୍ସିଆଲ ଭେହିକିଲ ଉପରେ ଲାଗିଛି ପ୍ରାୟ ୫ ଲକ୍ଷ ଟଙ୍କାର ଜରିମାନା । ହେଲେ ତାଙ୍କର ଅଭିଯୋଗ, ଗାଡିର ଇନ୍ସୁରାନ୍ସ ଅପଡେଟ ଥାଇ ମଧ୍ୟ ତାଙ୍କ ନାଁରେ କଟିଛି ମୋଟା ଅଙ୍କର ଜରିମାନା । ତେଣୁ ମାମଲାର ସମାଧାନ ପାଇଁ ସେ ଧାଇଁ ଆସିଥିଲେ ଜେଏମଏଫସି କୋର୍ଟକୁ । କିନ୍ତୁ ତାଙ୍କୁ



ନିରାଶ ହେବାକୁ ପଡିଛି । ମାମଲା ପରିବହନ କମିଶନରଙ୍କ କୋର୍ଟକୁ ରେଫର ହୋଇସାରିଛି ବୋଲି କୁହାଯିବା ପରେ, ସେ ଯେମିତି ଖାଲିରେ ହାତରେ ଫେରିବାକୁ ବାଧ ହୋଇଛନ୍ତି । ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ଶନିବାର କଟକ ଜେଏମଏଫସି ଅଦାଲତ ପରିସରରେ ୪ଟି ଜିଲ୍ଲାର ଲୋକଙ୍କୁ ଏହି ସେବା ଉପଲବ୍ଧ କରାଯାଇଛି । କଟକ ସମେତ କେନ୍ଦ୍ରାପଡା, ଜଗତସିଂହପୁର ଏବଂ ଚଣ୍ଡିଖୋଲ ଆରଟିଓ ଅଧୀନରେ ଆସୁଥିବା ଅଞ୍ଚଳ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲିଛି । ପ୍ରତ୍ୟେକ ଚାଲାଣ ପାଇଁ ୫୦ ପ୍ରତିଶତ ରିହାତି ଦେବାର ସୁଯୋଗ ମଧ୍ୟ ମିଳିଛି । ତେଣୁ ଆଜି ଏ ସମସ୍ତ କାଉଣ୍ଟରରେ ଖୁବ୍ ଭିଡ଼ ଦେଖିବାକୁ ମିଳିଥିଲା । ରାଜ୍ୟର ସମସ୍ତ ଜିଲ୍ଲାରେ ପରିବହନ ବିଭାଗ ପକ୍ଷରୁ ହେଲ୍ପଡେସ୍କ କରାଯାଇଛି । ଏହାସହ ଅନଲାଇନ ଜରିଆରେ echallan.parivahan.gov.in ମଧ୍ୟ ରିହାତିରେ ଜରିମନା ପୈଠ କରିବାର ବ୍ୟବସ୍ଥା ହୋଇଛି । ଆସନ୍ତା ୩୧ ତାରିଖ ଯାଏଁ ଏହି ସୁବିଧା ମିଳିବ ବୋଲି ବିଭାଗ ତରଫରୁ କୁହାଯାଇଛି ।

# ଆଜି ଆୟୋଜିତ ହେବ ୨୬ତମ ଜାତୀୟ ଯୁଥ୍ ଭଲିବଲ ଚମ୍ପିଆନସିପ

**କଟକ, ନ୍ୟୁଜ୍‌ବ୍ୟୁରୋ**

କିଟ୍ ବିଶ୍ୱବିଦ୍ୟାଳୟରେ ଚଳିତ ମାର୍ଚ୍ଚ ୧୫ରୁ ୨୦ ପର୍ଯ୍ୟନ୍ତ ୨୬ତମ ଜାତୀୟ ଯୁଥ୍ ଭଲିବଲ ଚମ୍ପିଆନସିପ୍ ଆୟୋଜିତ ହେବ । ଓଡ଼ିଶା ଭଲିବଲ ଆସୋସିଏସନ, ଭାରତୀୟ ଭଲିବଲ ସଂଘ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ୨୬ତମ ଜାତୀୟ ଯୁଥ୍ ଭଲିବଲ ଚମ୍ପିଆନସିପ ଆୟୋଜିତ ହେବ । ପ୍ରଥମ ଥର ପାଇଁ ଜାତୀୟ ପ୍ରତିଯୋଗିତା ୬ଟି ଇନଡୋର କୋର୍ଟରେ ଖେଳାଯିବ । ଯାହା ପୂର୍ବରୁ କେବେହେଲେ ଜାତୀୟ ପ୍ରତିଯୋଗିତାରେ ଦେଖିବାକୁ ମିଳିନଥିଲା । ଏଫ୍‌ଆଇଭିବି ଭଲିବଲ ବିଚ୍ ପ୍ରୋ ଟୁର୍ ଚ୍ୟାଲେଞ୍ଜ-୨୦୨୬ର ସଫଳ ଆୟୋଜନ ପରେ କିଟ୍‌ରେ ଆଉ ଏକ ଜାତୀୟ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି । ଏଥିରେ ୩୦ଟି ରାଜ୍ୟ ଓ ୨ଟି ପ୍ରତିଷ୍ଠାନର ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ । ଦୁଇଟି ପ୍ରତିଷ୍ଠାନ ଦଳ ହେଲେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ସର୍ଭିସେସ । ୧୨୦୦ ଖେଳାଳି ଓ ଅଫିସିଆଲ ଭାଗ ନେବେ । ପୂର୍ବରୁ କିଟ୍‌ରେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ୩ବର୍ଷ ୬୮, ୬୯ ଓ ୭୦ତମ ଜାତୀୟ ସିନିୟର ଭଲିବଲ ଚମ୍ପିଆନସିପ୍ ଓ ୩୪ତମ ଫେଡେରେସନ କପ ଭଲିବଲ ସଫଳତାର ସହିତ ଆୟୋଜିତ ହୋଇଛି । ଜାତୀୟ ଯୁଥ୍ ଭଲିବଲ ଚମ୍ପିଆନସିପ୍‌କୁ ସଫଳ ଆୟୋଜନ ନେଇ ଆମେ ପ୍ରସ୍ତୁତ ବୋଲି କିଟ୍ ଓ କିସର ପ୍ରତିଷ୍ଠାତା ତଥା ଓଡ଼ିଶା ଭଲିବଲ ସଂଘ ସଭାପତି ଡ. ଅଚ୍ୟୁତ ସାମନ୍ତ କହିଛନ୍ତି । ଜାତୀୟ ଯୁଥ୍ ଭଲିବଲ ଚମ୍ପିଆନସିପ୍ ପ୍ରଥମ ଥର ପାଇଁ ୬ଟି ଇନଡୋର କୋର୍ଟ । ଖେଳାଯିବ । ଏଥିପାଇଁ ଓଡ଼ିଶା ଭଲିବଲ ଆସୋସିଏସନ ଓ କିଟ୍ ପ୍ରସ୍ତୁତ ବୋଲି ସମ୍ପାଦକ ଡ. ଗଗନେନ୍ଦୁ ଦାଶ କହିଛନ୍ତି ।

ସମ୍ବାଦ କଳିକା

ଭୁବନେଶ୍ୱର, ୧୫ମାର୍ଚ୍ଚ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ସହିଦନଗର ସାଂସ୍କୃତିକ ସମିତି ପକ୍ଷରୁ ବିଷ୍ଣୁମନ୍ଦିର ପରିସରରେ ଆୟୋଜିତ ଦଶଦୋଳ ମେଳଣର ଷଷ୍ଠଦଶ ବାର୍ଷିକୀ ସମାରୋହର ଉଦ୍‌ଯାପନୀ ଦିବସରେ ଦୋଳ ବିମାନ ଗୁଡିକୁ ଆସ୍ଥାନରେ ଉପବେଶନ କରାଯାଇଛି । (ଫଟୋ : ସମ୍ବାଦ କଳିକା)





ଭୁବନେଶ୍ୱର : ମାର୍ଚ୍ଚ ୧୬ ତାରିଖ ରାଜ୍ୟସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେପି କାର୍ଯ୍ୟାଳୟରୁ ବସ୍ ଯୋଗେ ପାରାଦ୍ୱୀପ ଅଭିମୁଖେ ଯାତ୍ରା କରୁଛନ୍ତି ଦଳର ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ।

(ଫଟୋ : ସମ୍ବାଦ କଳିକା)

### କିଟ୍ ଓ କିସ୍ ପରିଦର୍ଶନରେ ଏନ୍‌ଏଚ୍‌ଆରସି ମହାସଚିବ ଭାରତ ଲାଲ

# ସହାନୁଭୂତି ଓ କରୁଣା ମାନବିକ ଅଧିକାରର ସମ୍ପୂର୍ଣ୍ଣ ଢାଞ୍ଚାର ମୂଳଦୁଆ

**ଭୁବନେଶ୍ୱର, ୧୪।୩ ନ୍ୟୁଜ ବ୍ୟୁରୋ**

ଜୀବନକୁ ପରିବର୍ତ୍ତନ କରିବା ଓ ଏକ ନ୍ୟାୟପୂର୍ଣ୍ଣ ତଥା ଅନ୍ତର୍ଭୁକ୍ତ ସମାଜ ଗଠନ ପାଇଁ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ଜାତୀୟ ମାନବାଧିକାର ଆୟୋଗ ମହାସଚିବ ଭରତ ଲାଲ କହିଛନ୍ତି । ଶନିବାର କିଟ୍ ଓ କିସ୍ ଗସ୍ତ ଅବସରରେ ଶ୍ରୀ ଲାଲ ଏହା ପ୍ରକାଶ କରିଛନ୍ତି । କିସ୍ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଶ୍ରୀ ଲାଲ କହିଲେ, ନିଜ ଜୀବନ ଏବଂ କ୍ୟାରିୟର ଗଠନରେ ଶିକ୍ଷା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । କେବଳ ଶିକ୍ଷା ପାଇଁ ମୁଁ ଆଜି ଏହି ସ୍ଥିତିରେ ପହଞ୍ଚିପାରିଛି । ଶିକ୍ଷା ବିନା ଜଣେ ଜୀବନରେ ବିଶେଷ ଅଧିକ କିଛି ହାସଲ କରିପାରିବ ନାହିଁ ବୋଲି ସେ କହିଥିଲେ ।

କିଟ୍ ଓ କିସ୍ ପରିଦର୍ଶନ କରି ସେ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରି କହିଲେ ମୁଁ କିଟ୍ ଓ କିସ୍ ବିଷୟରେ ଜାଣିବାକୁ ଏଠାକୁ ଆସିଥିଲି । ଶୃଙ୍ଖଳା, ଆଚରଣ, ସଂସ୍କୃତି ଓ ଚିନ୍ତାଧାରାକୁ ଶିକ୍ଷା ଆକୃଷ୍ଟ କରେ । ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି । ଶିକ୍ଷା ପାଇଁ ଉପଯୁକ୍ତ ସମୟ ଥାଏ, ସେହି ସମୟରେ ଶିକ୍ଷା ଗ୍ରହଣ କରିବା ଉଚିତ । ନିଜେ ଶିକ୍ଷା ଗ୍ରହଣ କରିବା ସହ ଅନ୍ୟକୁ ଶିକ୍ଷା ଲାଭରେ ସହଯୋଗ କରିବା ଉଚିତ । କିସ୍‌ରେ ଶ୍ରୀ ଲାଲ୍ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନ ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଉତ୍ସାହିତ କରିଥିଲେ । ସେ କହିଲେ, ମାନବିକ ଅଧିକାର ମୂଳତଃ ସାମାଜିକ କୁସଂସ୍କାର





ହଟାଇବା, ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସମ୍ମାନ ଓ ସମାନତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥାଏ ।

ପରେ ଶ୍ରୀ ଲାଲ କିଟ୍ ବିଶ୍ୱବିଦ୍ୟାଳୟରେ କିଟ୍ ନଲେଜ ଟ୍ରି ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେଠାରେ ସେ ବ୍ୟକ୍ତିର ସଂସ୍କୃତି, ଆଚରଣ ଓ ଚିନ୍ତାକରିବା ଶକ୍ତିକୁ ଶିକ୍ଷା କିଭଳି ନୂତନ ରୂପ ଦେଇଥାଏ ତା'ଉପରେ ଆଲୋକପାତ କରିଥିଲେ । ସହାନୁଭୂତି ଓ କରୁଣା ମାନବାଧିକାରର ସଂପୂର୍ଣ୍ଣ ଢାଞ୍ଚାର ମୂଳ ଓ ମାନବାଧିକାରର ସୁରକ୍ଷା ଆମର ଡିଏନଏରେ ଅଛି । ଏଥିପାଇଁ ସେ ଯୁବ ପିଢିକୁ ମାନବାଧିକାରର ରକ୍ଷକ ହେବା ସହ ସମସ୍ତଙ୍କ ପାଇଁ ସମାନତା ଓ ସମ୍ମାନର ମୂଲ୍ୟବୋଧକୁ ନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ ।

ବର୍ତ୍ତମାନ ଦେଖାଯାଉଥିବା ସମସ୍ୟା ଉପରେ ଆଲୋକପାତ କରି ସେ କହିଲେ, ମାନବିକ ଅଧିକାର ଓ ଶ୍ରମିକ କଲ୍ୟାଣ ସହ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ଯୋଡ଼ିହୋଇ ରହିଛି । ଆମକୁ ବିଶ୍ୱ ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ନିଶ୍ଚିତ ଭାବରେ ଶ୍ରମିକ କଲ୍ୟାଣକୁ ପ୍ରୋତ୍ସାହିତ ସହ ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଉଚିତ । ବିଶ୍ୱ ଅର୍ଥ ବ୍ୟବସ୍ଥାରେ ସମ୍ଭାବ୍ୟ ବାଣିଜ୍ୟ ପ୍ରତିବନ୍ଧକକୁ ଏଡ଼ାଇବା ପାଇଁ ଜୀବନ ଓ କାର୍ଯ୍ୟର ପରିସ୍ଥିତିରେ ଉନ୍ନତି ଆଣିବା ଜରୁରୀ ବୋଲି ସେ କହିଥିଲେ ।

ଭାରତରେ ମାନବାଧିକାରର ସୁରକ୍ଷା ପାଇଁ ଅନୁଷ୍ଠାନିକ ବ୍ୟବସ୍ଥାର ଗୁରୁତ୍ୱ ବିଷୟରେ ଶ୍ରୀ ଲାଲ କହିଲେ, ଭାରତୀୟ ସମ୍ବିଧାନର ଧାରା ୩୨ ନ୍ୟାୟ ପାଇବାକୁ ଗ୍ୟାରେଣ୍ଟି ଦେଇଥାଏ । ଫଳରେ ନାଗରିକମାନେ ସେମାନଙ୍କ ଅଧିକାର ଉଲ୍ଲଂଘନ ହେଲେ ଏହାର ପ୍ରତିକାର ପାଇଁ ସକ୍ଷମ ହେବେ । ଯେ କୌଣସି ବ୍ୟକ୍ତି ମାନବାଧିକାର ଆୟୋଗଙ୍କ ନିକଟକୁ ଯାଇପାରିବେ । କେବଳ ୨୦୨୩-୨୪ରେ ଆୟୋଗ ଏନ୍‌ଏଚ୍‌ଆରସି ୩ ଶହରୁ ଅଧିକ ଅଭିଯୋଗ ଗ୍ରହଣ କରିଥିଲେ ବୋଲି ସେ ସୂଚନା ଦେଇଥିଲେ ।

ମାନବାଧିକାରର ସୁରକ୍ଷା ପାଇଁ ଶାସନ କଳର ଭୂମିକା ଉପରେ ଗୁରୁତ୍ୱ ଦେଇ ସେ କହିଲେ, ଏଥିପାଇଁ ଉତ୍ତମ ଜନସେବା ପ୍ରଦାନ ସହ ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ । ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଆଦି ନ୍ୟାୟକୁ ଦୁର୍ବଳ କରିବା ସହ ଅନୁଷ୍ଠାନଗୁଡ଼ିକୁ ଦୁର୍ବଳ କରିଥାଏ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ ଡି, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରଥଯାତ୍ରା ପାଇଁ ଆସିଲା ପୁରୀ ମ୍ୟୁନିସିପାଲିଟିର ଡ୍ରାଫ୍ଟ ଆକ୍ସନ ପ୍ଲାନ୍

**ପୁରୀ, ୧୪/୦୩ ନ୍ୟୁଜ ବ୍ୟୁରୋ**

୨୦୨୬ ରଥଯାତ୍ରା ପାଇଁ ପୁରୀ ମ୍ୟୁନିସିପାଲିଟିର ଡ୍ରାଫ୍ଟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହୋଇଛି । ନଗର ଉନ୍ନୟନ ପ୍ରମୁଖ ସଚିବଙ୍କ ସମୀକ୍ଷା ପରେ ସ୍ୱଚ୍ଛତା ଉପରେ ଫୋକସ୍ ଦିଆଯାଇଛି । ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସମୟରେ ବଡ଼ଦାଣ୍ଡରେ ରନ୍ଧା ଖାଦ୍ୟ ନ ବାଣ୍ଟିବାକୁ ନିଆଯାଇଛି ନିଷ୍ପତ୍ତି । ରଥଯାତ୍ରା ସମୟରେ ସ୍ୱଚ୍ଛତା ଓ ପବିତ୍ରତା ଉପରେ ରହିବ ଫୋକସ୍ । ସହରର ବିଭିନ୍ନ ଗଳି ରାସ୍ତା, ବଡ଼ଦାଣ୍ଡ, ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସଚିବଙ୍କ ନିର୍ଦ୍ଦେଶ । ଆଗୁଆ ପ୍ରସ୍ତୁତ ରହିବ ପାର୍କିଂ ବ୍ୟବସ୍ଥା । ସଫେଇ ପାଇଁ ଅନୁଷ୍ଠାନଗୁଡ଼ିକୁ ନେବାକୁ ପଡ଼ିବ ଅନୁମତି । ଆସିବ ଏସଓପି । ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ରନ୍ଧା ଖାଦ୍ୟ ବଣ୍ଟନ ଉପରେ ରୋକ ଲଗାଯାଇଛି । ଫଳରେ ବଡ଼ଦାଣ୍ଡରେ ଅଇଁଠା ପତ୍ର, ପାଣି ବୋତଲ ପଡ଼ିବନି । ବଡ଼ଦାଣ୍ଡ ସଂଲଗ୍ନ ଅନ୍ୟ ଗଳିରେ ଅନୁମତି ନେଇ ଖାଦ୍ୟ ବାଣ୍ଟିପାରିବେ ଶ୍ରଦ୍ଧାଳୁ । ଡ୍ରାଫ୍ଟ ଆକ୍ସନରେ ରହିଛି ଟଏଲେଟ୍ ବ୍ୟବସ୍ଥା । ଗତଥର ୫୯୪ ଅସ୍ଥାୟୀ ଟଏଲେଟ୍ ହୋଇଥିବା ବେଳେ ଚଳିତ ଥର ହଜାରେ ଟଏଲେଟର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୪/୦୩/୨୦୨୬
୪,୯୫,୭୩୯/- ଟଙ୍କା
ସୁନା:-ଶୂନ
ରୂପା:-ଶୂନ





ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ବିତ୍ତୀୟ ପରିଚାଳନାରେ ଦେଶରେ ଓଡ଼ିଶା ୧ ନମ୍ବର

**ନୂଆଦିଲ୍ଲୀ, ୧୪/୦୩**

ଅଭିବୃଦ୍ଧି ପାଇଁ ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବା ଉଚିତ । ଏସବୁ କ୍ଷେତ୍ର ପାଇଁ ରାଜ୍ୟଗୁଡ଼ିକ ବ୍ୟୟବରାଦ ବଢ଼ାଇବା ଉଚିତ । ଏହି ପରାମର୍ଶ ଦେଇଛି ନୀତି ଆୟୋଗ । ଆୟୋଗ ପକ୍ଷରୁ ପ୍ରକାଶ ପାଇଛି ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ-୨୦୨୬, ଯେଉଁଥିରେ ଶୀର୍ଷ ସ୍ଥାନରେ ରହିଛି ଓଡ଼ିଶା । ୨୦୨୩-୨୪ ଆର୍ଥିକବର୍ଷରେ ରାଜ୍ୟଗୁଡ଼ିକର ବିତ୍ତୀୟ ପ୍ରଦର୍ଶନକୁ ଅନୁଶୀଳନ କରାଯାଇ ଏ ରିପୋର୍ଟ ପ୍ରକାଶ ପାଇଛି । ବିତ୍ତୀୟ ପରିଚାଳନାରେ ଓଡ଼ିଶା ୧ ନମ୍ବର ସ୍ଥାନରେ ରହିଥିବା ବେଳେ ଏହା ପଛକୁ ରହିଛନ୍ତି ଛତିଶଗଡ଼, ଗୋଆ, ଝାଡ଼ଖଣ୍ଡ ଏବଂ ଗୁଜରାଟ । ୧୮ଟି ପ୍ରମୁଖ ରାଜ୍ୟଗୁଡ଼ିକର ଆର୍ଥିକ ପ୍ରଦର୍ଶନକୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଛି । ଏଥିରେ ସବୁଠୁ ନିମ୍ନ ୫ ସ୍ଥାନରେ ରହିଛନ୍ତି ରାଜସ୍ଥାନ, କେରଳ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ପଞ୍ଜାବ । ଉତ୍ତର-ପୂର୍ବାଞ୍ଚଳ ଏବଂ ହିମାଳୟ ରାଜ୍ୟଗୁଡ଼ିକ ମଧ୍ୟରେ



ଅରୁଣାଚଳ ପ୍ରଦେଶ ଶୀର୍ଷ ସ୍ଥାନରେ ରହିଛି । ଏହା ପଛକୁ ରହିଛନ୍ତି ଉତ୍ତରାଖଣ୍ଡ, ତ୍ରିପୁରା, ମେଘାଳୟ, ଆସାମ ଏବଂ ମିଜୋରାମ । ଆୟୋଗ ଏହାର ରିପୋର୍ଟରେ ରାଜ୍ୟଗୁଡ଼ିକ ପାଇଁ ଏକ ରୋଡ୍‌ମ୍ୟାପ୍ ବିଛାଇଛି, ଯାହା ମାଧ୍ୟମରେ ରାଜ୍ୟଗୁଡ଼ିକ ସେମାନଙ୍କ ବିତ୍ତୀୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରିବେ । ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ବ୍ୟୟବରାଦ ବଢ଼ାଇ ରାଜ୍ୟଗୁଡ଼ିକ ସେମାନଙ୍କ ଦୀର୍ଘ ମିଆଦୀ ଅଭିବୃଦ୍ଧିରେ ଉନ୍ନତି ଆଣିପାରିବେ । ବ୍ୟୟ ମାନରେ ସୁଧାର ଆଣିବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି । ଉନ୍ନତ ଅନୁପାଳନ ବ୍ୟବସ୍ଥା ଏବଂ ଟିକସ ପ୍ରଶାସନକୁ ଦକ୍ଷ ବନାଇ ରାଜ୍ୟଗୁଡ଼ିକ ନିଜ ବିତ୍ତୀୟ ସ୍ୱାସ୍ଥ୍ୟକୁ ସୁଧାରିପାରିବେ ବୋଲି ନୀତି ଆୟୋଗ ପ୍ରକାଶ କରିଛି । ଅଧିକ ସୁଧ ପୈଠ କରୁଥିବା ରାଜ୍ୟଗୁଡ଼ିକୁ ସେମାନଙ୍କ ଋଣ ପରିଚାଳନାରେ ସୁଧାର ଆଣିବା ପାଇଁ ନୀତି ଆୟୋଗ ପରାମର୍ଶ ଦେଇଛି । ବ୍ୟୟବହୁଳ ଋଣ ଉପରେ ନିର୍ଭରତା କମାଇ ମଧ୍ୟବର୍ତ୍ତୀକାଳୀନ ବିତ୍ତୀୟ ଏବଂ ଡେଟ୍ ମ୍ୟାନେଜମେଣ୍ଟ ଢାଞ୍ଚା ଗ୍ରହଣ କରିବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି । ଦେଶର ହାରାହାରି ଅର୍ଥନୈତିକ ସ୍ଥିରତା ପାଇଁ ରାଜ୍ୟଗୁଡ଼ିକର ବିତ୍ତୀୟ ପ୍ରଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆୟୋଗ ପ୍ରକାଶ କରିଛି । ପ୍ରକାଶଯୋଗ୍ୟ, ୫ଟି ପ୍ରମୁଖ ମାପକକୁ ଅନୁଶୀଳନ କରାଯାଇ ରାଜ୍ୟଗୁଡ଼ିକୁ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି । ତାହା ହେଲା ବ୍ୟୟ ମାନ, ରାଜସ୍ୱ ସଂଗ୍ରହ, ବିତ୍ତୀୟ ସତର୍କତା, ଋଣ ସୂଚକାଙ୍କ ଏବଂ ଋଣ ସ୍ଥିରତା ।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ପ୍ରାପ୍ତବୟସ୍କ ଝିଅକୁ ପାଖରେ ରହିବାକୁ ବାଧ୍ୟ କରିପାରିବେନି ବାପା-ମା'

**କଟକ ୧୪/୦୩ ନ୍ୟୁଜ ବ୍ୟୁରୋ**

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । ଖାରଜ ହୋଇଛି ହେବିୟସ କର୍ପସ ପିଟିସନ । ରାୟ ମୁତାବକ ପ୍ରାପ୍ତବୟସ୍କ ଝିଅକୁ ବାପା-ମା' କିମ୍ବା ଶ୍ୱଶୁର ଘରେ ରହିବାକୁ ବାଧ୍ୟ କରିପାରିବେ ନାହିଁ । ହାଇକୋର୍ଟ କହିଛନ୍ତି ଏଭଳି କରିବାକୁ ଆଇନରେ କୌଣସି ବ୍ୟବସ୍ଥା ନାହିଁ । ଗୋଟିଏ ମାମଲାର ବିଚାର କରି ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ଓଡ଼ିଶା ହାଇକୋର୍ଟ ।

ନିଜ ପରିବାର ଠାରୁ ଦୂରେଇ ରହୁଥିବା ଜଣେ ଝିଅକୁ ଖୋଜି ବାହାର କରିବାକୁ ମା'ଙ୍କ ତରଫରୁ ଦାୟର ହୋଇଥିବା ପିଟିସନକୁ ଖାରଜ କରିଦେଇଛନ୍ତି ହାଇକୋର୍ଟ । ଚିଫ୍ ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍ ଏସ୍ ରମନଙ୍କୁ ନେଇ ଗଠିତ ବେଞ୍ଚ ୯ ମାର୍ଚ୍ଚରେ ଏହି ଅର୍ଡର ପାସ୍ କରିବା ସହ ପିଟିସନ ମଞ୍ଜୁର କରିନଥିଲେ । ହାଇକୋର୍ଟ କହିଛନ୍ତି, ଜଣେ ପ୍ରାପ୍ତବୟସ୍କ ମହିଳା ବା ଝିଅ ଯଦି ସ୍ୱାଧୀନ ଭାବେ ବଞ୍ଚି ରହିବାକୁ ନିଷ୍ପତ୍ତି ନିଅନ୍ତି ତେବେ ଏପରି ନିର୍ଣ୍ଣୟରେ କୌଣସି ବାଧା ନାହିଁ ।

ଆବେଦନ ଅନୁଯାୟୀ, ଆବେଦନାକାରୀଙ୍କ ବିବାହିତା ଝିଅ ନିଜ ଇଚ୍ଛାରେ ଶ୍ୱଶୁରଘର ଛାଡ଼ି ଚାଲିଯିବା ସହିତ ଏକ ଦୂର ସ୍ଥାନରେ ରହିଛନ୍ତି । ତାଙ୍କ ବୈବାହିକ ବିବାଦ ମାମଲା



ସିଭିଲ କୋର୍ଟରେ ବିଚାରାଧୀନ ରହିଛି । ୨୦୨୪ରେ ଝିଅ ଜଣକ ଥାନାରେ ହାଜର ହୋଇ ନିଜ ଶ୍ୱଶୁର ଘର ଓ ବାପା-ମା'ଙ୍କ ନିକଟରେ ରହିବାକୁ ଆଗ୍ରହୀ ନଥିବା କହିଥିଲେ । ସେ ଏକାକୀ ରହୁଛନ୍ତି ଓ ସ୍ୱାବଲମ୍ବୀ ବୋଲି ପୋଲିସକୁ ଜଣାଇଥିଲେ ।

ଏହା ସତ୍ତ୍ୱେ ଏକ ବର୍ଷରୁ ଅଧିକ ସମୟ ହେବ ପରିବାର ସଦସ୍ୟ ଯୁବତୀଙ୍କ ଖୋଜ ଖବର ପାଉ ନଥିବା ଓ ତାଙ୍କ ସ୍ଥିତି ନେଇ ଚିନ୍ତିତ ଥିବା ଦର୍ଶାଇ ତାଙ୍କ ମାଆ ହେବିୟସ କର୍ପସ ପିଟିସନ ଦାଖଲ କରିଥିଲେ । ଏହି ମାମଲାରେ ଯୁବତୀ ଜଣକ ବେଆଇନ ଭାବେ ଅଟକ ନାହାନ୍ତି ବୋଲି ସ୍ପଷ୍ଟ ହୋଇଛି । ପ୍ରାପ୍ତ ବୟସ୍କ ହେବାପରେ ସେ ସ୍ୱାଧୀନ ଭାବେ ବଞ୍ଚି ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଏଣୁ ଖୋଜି ବାହାର କରିବାକୁ ବା ଏସଂପର୍କିତ ତଥ୍ୟ ପ୍ରମାଣ ପାଇବାକୁ ହେବିୟସ କର୍ପସ ପିଟିସନକୁ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ଦର୍ଶାଇ ହାଇକୋର୍ଟ ମାମଲା ଖାରଜ କରିଦେଇଛନ୍ତି ।

# ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଜଳୁଛି ଜଙ୍ଗଲ

### ନିଆଁକୁ ରୋକିବା ପାଇଁ ନିୟୋଜିତ ଅଛନ୍ତି ୧୨୦ କର୍ମଚାରୀ, ୫ ଫାୟାର ପ୍ରୋଟେକ୍ସନାଲ ସ୍କ୍ୱାଡ୍

**ଭୁବନେଶ୍ୱର, ୧୪/୦୩ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଏବେ ଅଧିକାଂଶ ଜଙ୍ଗଲ ଜଳୁଛି । କେତେକ ଜଙ୍ଗଲରେ ନିଆଁକୁ ଆୟତ୍ତ କରାଯାଇ ପାରିଛି । ଏବେ ବି ରାଜ୍ୟର କିଛି ଜଙ୍ଗଲ ହୁ ହୁ ହୋଇ ଜଳୁଛି । ସେହିପରି ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଚଳିତବର୍ଷ ୨ଟି ସ୍ଥାନରେ ନିଆଁ ଲାଗିଥିଲା । ହେଲେ ସଜାଗ ଥିବା ବନ କର୍ମଚାରୀମାନେ ନିଆଁକୁ ସଙ୍ଗେ ସଙ୍ଗେ ଲିଭାଇବାରେ ସଫଳ ହୋଇଛନ୍ତି । ଗତବର୍ଷ ଏପ୍ରିଲ ୨୨ରେ ଏହି ଜଙ୍ଗଲର ୨ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ଭୋଳା ଗାଁ ମୁଣ୍ଡରେ ନିଆଁ ଅଣାୟତ୍ତ ହୋଇ ପଡ଼ିଥିଲା । ଏହି ଅଞ୍ଚଳରେ ପ୍ରାୟ ୨ ଏକର ପରିମିତ ଜଙ୍ଗଲ ଜଳି ଯାଇଥିଲା । ଏଥିରେ କେତେକ ଜଙ୍ଗଲୀ ଜନ୍ତୁ ଓ ପକ୍ଷୀ ମୃତାହତ ହୋଇଥିଲେ । ଚଳିତବର୍ଷ ଜଙ୍ଗଲ ନିଆଁକୁ ରୋକିବା ପାଇଁ ଅଭୟାରଣ୍ୟର ଚନ୍ଦକା, ଡମପଡ଼ା, ହଳଦିଆ ଓ ଭୁବନେଶ୍ୱର ଆଦି ୪ ରେଞ୍ଜରେ ବନ ବିଭାଗ, ଆଣ୍ଟିପୋଚିଂ ସ୍କ୍ୱାଡ, ପ୍ଲାଣ୍ଟେସନ ଓ ଇକୋ ଟୁରିଜିମର ସମୁଦାୟ ୧୨୦ କର୍ମଚାରୀ ନିୟୋଜିତ ଅଛନ୍ତି । ଏଥିସହ ୫ଟି ଫାୟାର ପ୍ରୋଟେକ୍ସନ୍ ସ୍କ୍ୱାଡ୍ ନିୟୋଜିତ ରହିଛନ୍ତି । ୫ଟି ସ୍କ୍ୱାଡରେ ୪୦ ଜଣ କର୍ମଚାରୀଙ୍କ ସମେତ ଜଙ୍ଗଲରେ ଥିବା ଗ୍ରାମବାସୀଙ୍କୁ ନିୟୋଜିତ କରାଯାଇଛି । ଭିଏଚ୍‌ଏଫ୍ ନେଟୱାର୍କ ମାଧ୍ୟମରେ ପରସ୍ପର ମଧ୍ୟରେ ଯୋଗାଯୋଗ ରକ୍ଷା କରାଯାଉଛି । ସାଟେଲାଇଟ୍ ଚିତ୍ରରୁ ଏହି ଜଙ୍ଗଲରେ ଚଳିତବର୍ଷ ୨ଟି ସ୍ଥାନରେ ଛୋଟ ଛୋଟ ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟରୁ ପ୍ରକାଶ ପାଇଥିଲା । ଯାହାକୁ ସଙ୍ଗେ ସଙ୍ଗେ ଆୟତ୍ତ କରାଯାଇ ପାରିଥିଲା । ଗୋଟିଏ ଗୋଡ଼ିବାରୀରେ ନିଆଁ ଲାଗିଥିବା ବେଳେ ଗତ ଗୁରୁବାର ଭରତପୁର ଜଙ୍ଗଲରେ ନିଆଁ ଲାଗିଥିଲା । ଯାହାକୁ ସଙ୍ଗେ ସଙ୍ଗେ ଆୟତ୍ତ କରାଯାଇ ପାରିଥିଲା । ତେବେ ଏଥିରେ କୌଣସି ବଡ଼ ଗଛ ଜଳିନାହିଁ କିମ୍ବା କୌଣସି ଜଙ୍ଗଲୀ ଜନ୍ତୁ ମୃତାହତ ହୋଇନାହାନ୍ତି ବୋଲି କହିଛନ୍ତି ଚନ୍ଦକା ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ । ଚନ୍ଦକା ଜଙ୍ଗଲ ପ୍ରାୟତଃ ବାଉଁଶ ବୁଦାରେ ଭର୍ତ୍ତି । ବିଶେଷକରି ଫେବ୍ରୁୟାରୀ ଆରମ୍ଭରୁ ଜୁନ୍ ଶେଷ ପର୍ଯ୍ୟନ୍ତ ଏହି ୫ ମାସ ଜଙ୍ଗଲକୁ ନିଆଁ ଭୟ ରହିଥାଏ । ତେବେ ଖରାଦିନେ ଅଦିନିଆ କାଳବୈଶାଖୀ ବର୍ଷା ହୋଇଥାଏ । ଫଳରେ ଜଙ୍ଗଲରେ ପଡ଼ିଥିବା ବାଉଁଶ ପତ୍ର ପଚିସଢ଼ି ମାଟିରେ ମିଶି ଯାଇଥାଏ । କିନ୍ତୁ ଚଳିତ ବର୍ଷ ଉତ୍ତାପ ବଢ଼ିଥିଲେ ମଧ୍ୟ କାଳବୈଶାଖୀ ବର୍ଷା ହୋଇନାହିଁ । ଚଳିତ ବର୍ଷ ଜଙ୍ଗଲରେ ଶୁଖିଲା ବାଉଁଶ ପତ୍ର ତଳେ ବହୁପରିମାଣରେ ସ୍ତରସ୍ତର ହୋଇ ପଡ଼ି ରହିଛି । ଫଳରେ ଜଙ୍ଗଲରେ କେହି ବିଡ଼ି କିମ୍ବା ସିଗାରେଟ୍ ପକାଇଦେଲେ ସଙ୍ଗେ ସଙ୍ଗେ ନିଆଁ ଲାଗି ଯାଉଛି । ସେପଟେ ଏହି ଅଭୟାରଣ୍ୟ ମଧ୍ୟରେ ରହିଛି ୫ଟି ଗାଁ । ନୂଆକୂଅ, ପିଠଖିଆ, ଢ଼ୋଲକାଠ, ଡ଼ାଆଣୀଗଡ଼ିଆ ଓ ବେଏଣ୍ଟା ସାହି । ଏହି ଗାଁ'ର ଲୋକମାନେ ଭୁବନେଶ୍ୱର, ଖୋର୍ଦ୍ଧା ଓ କଟକ ଯିବା ଆସିବା କରିଥାନ୍ତି । ଏହାବାଦ୍ ଜଙ୍ଗଲ ସୀମାରେ ୧୦୧ଟି ଗାଁ ରହିଛି । ସେମାନେ ମଧ୍ୟ ଜଙ୍ଗଲ ରାସ୍ତା ପଟେ ଯିବା ଆସିବା କରନ୍ତି । ଏଥିସହ ପର୍ଯ୍ୟଟକମାନେ ମଧ୍ୟ ଅଭୟାରଣ୍ୟ ବୁଲିବାକୁ ଯାଉଛନ୍ତି । ଜଙ୍ଗଲକୁ ଯିବା ମୁଖ୍ୟ ରାସ୍ତା ଗୁଡ଼ିକରେ ଯିବା ଆସିବା କରିବା ସମୟରେ କେହି କେଉଁଠାରେ ବିଡ଼ି କିମ୍ବା ସିଗାରେଟ୍ ଟାଣି ପକାଇଦେଲେ ନିଆଁ ଲାଗି ଯାଉଛି । ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ଫାୟାର ମନିଟରିଂ ପାଇଁ ୨ଟି ସାଟେଲାଇଟ୍ ଲଗାଯାଇଛି । ସାଟେଲାଇଟ୍ ମାଧ୍ୟମରେ ଜଙ୍ଗଲରେ କେଉଁ ସ୍ଥାନରେ ନିଆଁ ଲାଗୁଛି ତାହା ଜଣାପଡ଼ିଯାଉଛି । ଏପରିକି ନିଆଁ, ଧୂଆଁ ଚିତ୍ରକୁ ସାଟେଲାଇଟ୍ ଉତ୍ତୋଳନ କରି ପାରୁଛି । ଏହା ସିଧାସଳଖ ପିସିସିଏଫ୍ (ଜେନେରାଲ)ଙ୍କ କାର୍ଯ୍ୟାଳୟରୁ ତଦାରଖ କରାଯାଉଛି । ଫଳରେ ୨୪ ଘଣ୍ଟିଆ ପହରାରେ ଥିବା ବନ କର୍ମଚାରୀମାନେ ସଙ୍ଗେ ସଙ୍ଗେ ନିଆଁ ଲାଗିଥିବା ସ୍ଥାନରେ ପହଞ୍ଚି ନିଆଁକୁ ଆୟତ୍ତ କରିପାରୁଛନ୍ତି । ନିଆଁ ଲାଗିଥିବା ସ୍ଥାନରେ ନାଲି ରଙ୍ଗ ଦେଖାଯାଉଛି । ନିଆଁ ଲିଭା ସାରିବା ପରେ ବନ କର୍ମଚାରୀମାନେ ସେଠାର ଫଟୋ ଉଠାଇ ପଠାଉଛନ୍ତି । ଯାହାକି ସାଟେଲାଇଟ୍ ଉତ୍ତୋଳନ କରିଥିବା ନିଆଁ (ନାଲି ରଙ୍ଗ) ଆପେ ଆପେ ସବୁଜ ରଙ୍ଗ ହୋଇ ଯାଉଛି । ଅଗ୍ନିକାଣ୍ଡରୁ ଜଙ୍ଗଲକୁ ରକ୍ଷା ପାଇଁ ରାସ୍ତା କଡ଼ରେ ପଡୁଥିବା ଶୁଖିଲା ପତ୍ରକୁ ନିଆଁ ଲଗାଇ ପୋଡ଼ାଯିବା ସହ ଲିଭାଇ ଦିଆଯାଏ । ଜଙ୍ଗଲରେ ନିୟୋଜିତ ଥିବା ଫାୟାର ପ୍ରୋଟେକ୍ସନ୍ ସ୍କ୍ୱାଡ୍ ଏସବୁ କାର୍ଯ୍ୟ କରିଥାନ୍ତି । ଏଥିପାଇଁ ସେମାନଙ୍କୁ ଫାୟାର ବ୍ଲୋର, ଏୟାର ବ୍ଲୋର ଏବଂ ୱାଟର ବ୍ଲୋର ଦିଆଯାଇଛି । ବିଶେଷ କରି ଅଧିକାଂଶ ଏୟାର ବ୍ଲୋର ବ୍ୟବାହର କରାଯାଇଥାଏ । ଏଥିପାଇଁ ଚନ୍ଦକା ବନଖଣ୍ଡ ପକ୍ଷରୁ ୧୮ଟି ବ୍ଲୋର ଯୋଗାଇ ଦିଆଯାଇଛି । ଏନଜିଓଙ୍କ ପକ୍ଷରୁ ବ୍ୟାପକ ସଚେତନତା ଜଙ୍ଗଲରୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜଙ୍ଗଲ ମଧ୍ୟରେ ଥିବା ଗାଁ ଓ ଉପକଣ୍ଠରେ ଥିବା ଗ୍ରାମ ମାନଙ୍କରେ ଲୋକମାନଙ୍କୁ ବ୍ୟାପକ ସଚେତନତା କରାଯାଉଛି ।